## ମହୁମାଛି ଆକ୍ରମଣରେ ୫ ଆହତ

ରସୁଲପୁର,୧୨।୫(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଛକରେ ବାଘୁଆ ମହୁମାଛି ଆତଙ୍କ ଦେଖାଦେଇଛି। ରବିବାର ସକାଳେ ମହୁମାଛି ଆକ୍ରମଣରେ ୫ଜଣ ଆହତ ହୋଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ମାନପୁର ଅଞ୍ଚଳର ବାଉରୀବନ୍ଧୁ ନାୟକ, ଅରୁଣ ମଲିକ, ସୁଶୀଲ ନାୟକ ଓ ବିନ ସାମୁଲ ପ୍ରମୁଖ। ଅନ୍ୟପକ୍ଷରେ ମହୁମାଛି ଭୟରେ ସେହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଆସୁଥିବା ଲୋକଙ୍କୁ ମହୁମାଛି ଆକ୍ରମଣ ସଂପର୍କରେ ସତର୍କ କରାଇ ଦିଆଯାଉଛି। ଯାତ୍ରୀମାନେ ସେ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତାରେ ଗନ୍ତବ୍ୟ ସ୍ଥଳକୁ ଯାଉଥିବାର ଲକ୍ଷ୍ୟ କରାଯାଉଛି ।

ମାନପୁର ଛକରେ ଥିବା ବରଗଛରେ ୮ମହୁଫେଣା ରହିଛି। ଉକ୍ତ ଫେଣାରୁ ମାଛିମାନେ ଏଣେତେଣେ ଉଡି ବୁଲୁଛନ୍ତି। ମାଛି ଭୟରେ ଛକର ଦୋକାନ ବଜାର ବନ୍ଦ ରହୁଛି। ଏହାଛଡା ସେହି ବାଟ ଦେଇ ଯାତାୟାତ କରୁଥିବା ଲୋକଙ୍କୁ ମହୁମାଛି ଆକ୍ରମଣ କରୁଛନ୍ତ। ମହୁମାଛି ଫେଣାକୁ ତୁରନ୍ତ ହଟାଇବା ପାଇଁ ଦାବି ହେଉଛି। ବନବିଭାଗ ଏ ଦିଗରେ ଧାନ ଦେଇ ପଦକ୍ଷେପ ନେଲେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ରଖିଛନ୍ତି।

# ଘରେ ପଶିଲା ବର୍ଷା ପାଣି

**ରସୁଲପୁର ବ୍ଲକ**
- ଗ୍ରାମ୍ୟ ଉନ୍ନୟନ ବିଭାଗର ତ୍ରୁଟି
- ରାସ୍ତା ତାଡ଼ିଦେଲେ ଗାଁ ଲୋକେ

ରସୁଲପୁର,୧୨।୫(ରଞ୍ଜିତ ରାଉତ)


ଗ୍ରାମବାସୀ ରାସ୍ତା ତାଡ଼ିଦେଇଛନ୍ତି ।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ହନୁମାନ ସାହିରେ ନବନିର୍ମିତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ଗାଁ ଲୋକେ ତାଡି ଦେଇଛନ୍ତି। ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁ ରାସ୍ତା କଡରେ ବସବାସ କରୁଥିବା ଲୋକଙ୍କ ଘର ସମ୍ମୁଖରେ ବର୍ଷା ପାଣି ଲହଡି ମାରିଛି। ଫଳରେ ଗାଁ ଲୋକେ ଏଭଳି ପଦକ୍ଷେପ ନେଇଛନ୍ତି। ରାସ୍ତା ନିର୍ମାଣରେ ତ୍ରୁଟି ଓ ଠିକାଦାରଙ୍କ ମନମାନି ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀ ସରପଞ୍ଚ ସ୍ମୃତିରେଖା ରାଉତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ନଜରକୁ ଆଣିଥିଲେ। ଏସବୁ ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିଲାନାହିଁ। ଶନିବାର ରାତିରେ କାଳବୈଶାଖୀ ବର୍ଷା ପାଣି ଗାଁ ଦାଣ୍ଡରେ ଲହଡି ମାରିଥିଲା। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଗାଁରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବର୍ଷାଦିନ ପୂର୍ବରୁ ସମସ୍ୟା ସମାଧାନ ହୋଇ ନ ପାରିଲେ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଜାରକା ଗ୍ରାମ୍ୟ ବିଭାଗ-୨ ଅଧୀନ କୁଆଖିଆ ଉପଖଣ୍ଡ ଅଞ୍ଚଳରେ ବାରବାଟୀ-ରସୁଲପୁର ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପ୍ରକଳ୍ପ ଅଧୀନରେ ରସୁଲପୁର ବ୍ଲକ ପାର୍ଶ୍ୱ ଚଣ୍ଡିପୁର ଭାୟା କୁଆଖିଆ ରାସ୍ତା, ବଣିଛକରୁ ଶାରଳା ଛକୁ ରାସ୍ତା, ବିଲିପଡା ସ୍କୁଲଠାରୁ ସାନରମ୍ପେଇ-ସାହାପୁରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ କରାଯାଇଛି। ମାତ୍ର ଏହି ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଯାହା ବଣିଛକଠାରୁ ଶାରଳା ଛକକୁ ସଂଯୋଗ କରୁଥିବା ରାସ୍ତାର ହନୁମାନ ସାହିରେ ଦେଖାଯାଇଛି। ଏହି ରାସ୍ତାକୁ ଅଧପନ୍ତରିଆ କରି ଠିକାରଦାର କାମ ସାରି ଦେଇଛନ୍ତି। ଏହାକୁ ବିଭାଗ ପକ୍ଷରୁ ଠିକ୍‌ରେ ଯାଞ୍ଚ କରା ନ ଯାଇ ଠିକାଦାରଙ୍କୁ ବିଲ୍ ପୈଠ କରାଯାଇଛି ବୋଲି ଅଭିଯୋଗ ହେଉଛି। ଏହାଛଡା ରାସ୍ତା ନିର୍ମାଣବେଳେ ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ ଦିଆନଯାଇନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟ ଶାରଳା ଛକକୁ ସଂଯୋଗ କରା ନ ଯାଇ ଅଧାବାଟରେ ଛାଡି ଦିଆଯାଇଛି। ଲୋକେ ରାସ୍ତା ଉପରେ ବିଛା ଯାଇଥିବା ଫେବର ବ୍ଲକ ଇଟାଗୁଡିକୁ ତାଡି ଫୋପାଡି ଦେଇ ବର୍ଷା ଜଳ ନିଷ୍କାସନ ପାଇଁ ନାଳୁଆ ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଭୀମସେନ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ତାଙ୍କ ଅଧୀନରେ ଆସୁନାହିଁ। ମାତ୍ର ଏନେଇ ଅଭିଯୋଗ ପାଇବା ପରେ ସେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ। କାମ ଅଧପନ୍ତରିଆ ହୋଇଛି ବୋଲି ସେ ସ୍ୱୀକାର କରିଥିଲେ। ପ୍ରକଳ୍ପ ଅଧୀନରେ ଆବଶ୍ୟକୀୟ ମାପ ଅନୁସାରେ କାମ ଅଧାରେ ସରିଯାଇଛି। ରାସ୍ତା କାର୍ଯ୍ୟ ଶେଷ ପାଇଁ ଅର୍ଥନାହିଁ। ରାସ୍ତା ଡିଜାଇନ ହେବା ସମୟରେ ଡ୍ରେନର ବ୍ୟବସ୍ଥା ନ ଥିଲା। ସେଥିପାଇଁ ଡ୍ରେନ କରାଯାଇନାହିଁ।

## ବିଜେଡିର ବୁଥ କମିଟି ବୈଠକ

ଯାଜପୁର ସଦର,୧୨।୫(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ଯମଧର ପଞ୍ଚାୟତର ଯମଧର ଗ୍ରାମ ପଞ୍ଚ ବଟ ମନ୍ଦିର ନିକଟରେ ବିଜେଡି ବୁଥ କମିଟି ସଦସ୍ୟମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଭିମନ୍ୟୁ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜୁ ଜନତା ଦଳ ସଭାପତି ପରେଶ ବିଶ୍ୱାଳ ଯୋଗଦେଇ ଯାଜପୁର ବିଜେଡି ଲୋକସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଓ ଯାଜପୁର ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁଙ୍କୁ ସର୍ବାଧିକ ଭୋଟ ଦେଇ ଜୟଯୁକ୍ତ କରିବାକୁ କର୍ମୀଙ୍କୁ ଅନୁରୋଧ କରିଥିଲେ। ପ୍ରାର୍ଥିନୀ ସୁଜାତା ଯୋଗଦେଇ ଉପସ୍ଥିତ ଥିବା ମା'ମାନଙ୍କୁ ବିଶ ମାତୃ ଦିବସ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଭୋଟ୍ ଭିକ୍ଷା କରିଥିଲେ। ଜିଲା ବିଜେଡି ଉପସଭାପତି ପ୍ରକାଶ ତ୍ରିପାଠୀ ନିଜ ଅଭିଭାଷଣରେ ଯୁବ, ଛାତ୍ର ଓ ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତାଙ୍କ ସହଯୋଗ ଲୋଡିଥିଲେ। ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ କର୍ମୀଙ୍କୁ ପଞ୍ଚାୟତର ପ୍ରତ୍ୟେକଙ୍କ ଘରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ସେକ୍ ମୋଜାହିଦ, ପୂର୍ବତନ ସରପଞ୍ଚ ଝରଣା ସେଠୀ, ସୁମତି ମାଝି, ପ୍ରଦୀପ ନାୟକ, ପ୍ରମିଳା ରାଉତ, ଅନୋ ମାଝି ଓ ଜିଲା ବିଜେଡି ସମ୍ପାଦକ ଫିରୋଜ ଖାଁ(ବାଦଶା)ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଧାନମଣ୍ଡଳରେ ମାତୃ ଦିବସ ପାଳିତ


ମାତୃଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ ।

ଚଣ୍ଡିଖୋଲ,୧୨।୫(ପ୍ରଦୀପ୍ତ କୁମାର ପୃଷ୍ଟି):

ଧାନମଣ୍ଡଳସ୍ଥିତ ଉଦ୍ଦିୟମାନ କଳାପରିଷଦଠାରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। କଳାପରିଷଦ ଅଧକ୍ଷା ପାର୍ବତୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଉଦ୍ଦିୟମାନ ମହିଳା ସଂଗଠନର ସମ୍ପାଦିକା ଅରୁଣୀ ନନ୍ଦ, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ସମ୍ମାନିତ ଅତିଥି ସମାଜସେବୀକା ସରୋଜିନୀ ପଣ୍ଡା, ଗାୟତ୍ରୀ ରାଉତ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବ୍ରହ୍ମ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାଆର ତ୍ୟାଗ ପୂତ ଜୀବନ ଉପରେ ଅନେକ ଉଦାହରଣ ଦେଇଥିଲେ। ଏହି ଅବସରରେ ନୃତ୍ୟ ଗୁରୁ ପତିତପାବନ ସାହୁଙ୍କ ନିର୍ଦ୍ଦେଶିତ ମାଆ ମମତା ମାଟି ନାଟକ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ର ଏଥିରେ ନିଖୁଣ ଅଭିନୟ କରିଥିଲେ। ଶେଷରେ ବିଦ୍ୟାଳୟ ସଭାପତି ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ


କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନୀ ସଭାରେ ଯୋଗଦେଇଥିବା ନେତା ଓ କର୍ମୀ ।

ବଡ଼ଚଣା,୧୨।୫(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ନୂଆସୁଗୁଡ଼ା ବାଇପାସ ନିକଟରେ କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ଚଣା କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ ଯୋଗଦେଇ କଂଗ୍ରେସକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଛାମୁଆ କର୍ମୀ, ନିର୍ବାଚନ ରଣକୌଶଳ, ପରିଚଚାଳନା କମିଟି ଗଠନ ଓ ପଞ୍ଚାୟତରେ ଦୟିତ୍ୱ ବଣ୍ଟନ ଆଦି ଉପରେ ଆଲୋଚନା ହୋଇଥିଲା। ଏଥିରେ ବିଶ୍ୱପ୍ରକାଶ ସାମଲ, ଜୟପ୍ରକାଶ ବିଶାଳ, ମାନଗୋବିନ୍ଦ ଦାଶ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାମଲ, ବିକାଶ ଚନ୍ଦ୍ର ବାରିକ, ଶ୍ରୀକାନ୍ତ ମଲ୍ଲିକ, ରିୟାସତ ଅଲ୍ଲୀ, ଚିନ୍ମୟ ପ୍ରଧାନ, ପ୍ରବୀର ବଳ, ଶିଶିର ସାମଲ, ପ୍ରତାପ କେଶରୀ ଜେନା ଓ ଜନାର୍ଦ୍ଦନ ରାଉତରାୟଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ୩ ମୋଟର ସାଇକେଲ ଜବତ, ତିନି ଗିରଫ

ଚଣ୍ଡିଖୋଲ,୧୨।୫(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ମହଲା ମାର୍କେଟ କମ୍ପ୍ଲେକ୍ସରୁ ଗତ ୭ ତାରିଖରେ ଚୋରି ହୋଇଥିବା ଏକ ମୋଟର ସାଇକେଲ ମାମଲାରେ ପୋଲିସକୁ ସଫଳତା ମିଳିଛି। ପୋଲିସ ଚଢ଼ାଉ କରି ମୋଟ୍ ୩ ମୋଟର ସାଇକେଲ ଜବତ କରିଛି। ଏଥିସହିତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି।

୭ ତାରିଖରେ ବୈରୀ ଥାନା ଅନ୍ତର୍ଗତ ଛତିଆ ଗ୍ରାମର ସୁବାସ ଚନ୍ଦ୍ର ପାତ୍ର ଚଣ୍ଡିଖୋଲ ଛକକୁ ଆସିଥିବାବେଳେ ମହଲା ମାର୍କେଟ କମ୍ପ୍ଲେକ୍ସ ନିକଟରେ ତାଙ୍କ ମୋଟର ସାଇକେଲ ରଖି ମାର୍କେଟିଂ କରୁଥିଲେ। ଏହି ସମୟରେ ତାଙ୍କ ମୋଟର ସାଇକେଲ ଚୋରି ଯାଇଥିଲା। ଏନେଇ ସେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜେ. ଆବେଦିନ ତଦନ୍ତ କରି ଜେନାପୁର ଥାନା ମର୍ଜିତାପୁର ଗ୍ରାମର ସୁଶାନ୍ତ ପ୍ରାଧନଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ସୂଚନା ପାଇ ସେହି ଗ୍ରାମର ତାଙ୍କ ସହଯୋଗୀ ରାମଚନ୍ଦ୍ର ବେହେରାଙ୍କୁ ମଧ ଗିରଫ କରିଥିଲେ। ଚୋରା ମୋଟର ସାଇକେଲ କିଣିଥିବା ଅଭିଯୋଗରେ ଢେଙ୍କାନାଳ ଜିଲା ନିହଲ ପ୍ରସାଦ ଥାନା ଅଞ୍ଚଳର ସ୍ମୃତିରଞ୍ଜନ ସ୍ୱାଇଁଙ୍କୁ ମଧ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ଗୋଟିଏ ଲେଖାଏ ବାଇକ୍ ଜବତ କରାଯାଇଛି। ୨ ଜଣଙ୍କ ନାମରେ କଳିଙ୍ଗନଗର, ଯାଜପୁର ରୋଡ, ଜେନାପୁର, ଧର୍ମଶାଳା, ବଡ଼ଚଣା ଓ ସୁକିନ୍ଦା ଥାନାରେ ୧୦/୧୨ଟି ମାମଲା ରହିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୁଚନା ଦେଇଛନ୍ତି। ମୋଟର ସାଇକେଲ ଚୋରି ନେଇ ଥାନାରେ ନଂ.୨୩୮/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଅଭିମନ୍ୟୁ ସାହିତ୍ୟ ସୃଜନୀକୁ ଉତ୍କର୍ଷ ସମ୍ମାନ



ଅଭିମନ୍ୟୁ ସାହିତ୍ୟ ସୃଜନୀ ଅନୁଷ୍ଠାନର କର୍ମକର୍ତ୍ତା ଅତିଥିଙ୍କଠାରୁ ସମ୍ମାନପତ୍ର ଗ୍ରହଣ କରୁଛନ୍ତି ।

ବଡ଼ଚଣା,୧୨।୫(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀକୁ ଚଳିତ ବର୍ଷର ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ୧୧ ତାରିଖରେ ବ୍ୟାସନଗର ଆମ ସାହିତ୍ୟ ପରିବାର ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନଠାରେ ପଞ୍ଚମ ବାର୍ଷିକ ସାରସ୍ୱତ ମହୋତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ନଟବର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଅମୂଲ୍ୟ କୁମାର ନାୟକ, ସଭାପତି ଶ୍ରୀକାନ୍ତ ପଣ୍ଡା, ସଦସ୍ୟ ଶୁଭେନ୍ଦୁ ମହାପାତ୍ର, ବେଣୁଧର ସୂତାର, ପ୍ରିୟଦର୍ଶିନୀ ମିଶ୍ର, ରଶ୍ମିତା ଦାସ, ସଫଳା ଦାସ, ସୁଷମା ମଞ୍ଜରୀ ମିଶ୍ର, ବିଦ୍ୟୁତ୍‌ପ୍ରଭା ବେହେରା, ଡ.ଲକ୍ଷ୍ମୀକାନ୍ତ ଦାଶ, ଡ. ଅଲେଖ ପ୍ରସାଦ ମହାରଣା, ବ୍ରଜେଶ୍ୱରୀ ସିଂହ, ସସ୍ମିତା ପଟ୍ଟନାୟକ ଓ ସରୋଜ ଶତପଥୀ ପ୍ରମୁଖ ବହୁ ସାହିତ୍ୟ ପ୍ରେମୀ ଉକ୍ତ ମଞ୍ଚରେ ଉପସ୍ଥିତ ରହି ଅତିଥି ଜ୍ଞାନ ହୋତା, ସରୋଜ ସାମଲ ଓ ଶଶଧର ପଣ୍ଡାଙ୍କଠାରୁ ସମ୍ମାନପତ୍ର ଗ୍ରହଣ କରିଥିଲେ।

## ଭାଜପାରେ ଯୋଗଦେଲେ ବହୁ ବିଜେଡି ନେତା, କର୍ମୀ


ଭାଜପାରେ ଯୋଗଦେଇଥିବା କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ଉମେଶ ଜେନା ସ୍ୱାଗତ କରୁଛନ୍ତି ।

ବ୍ରହ୍ମବରଦା,୧୨।୫(ଯଯାତି କେଶରୀ ବେହେରା):

ବରୀ ନିର୍ବାଚନମଣ୍ଡଳୀ ରସୁଲପୁର ବ୍ଲକ୍ ଅର୍ନ୍ତଗତ ୧୦ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସେମାନେ ହେଲେ ବ୍ଲକ୍ ଯୁବ ବିଜେଡି ସଭାପତି ଏବଂ ଅତଲାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ପୂର୍ବତନ ସମିତି ସଭ୍ୟ ପ୍ରମୁଖ। ବିଜେଡିରେ ଅବହେଳା ଓ ଅଣଦେଖା କରାଯାଇଥିବାରୁ ସେମାନେ ଦଳ ଛାଡ଼ି ବରୀ ଭାଜପା ବିଧାୟକ ପ୍ରର୍ଥୀ ଉମେଶ ଜେନାଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଅତଲାପୁର ପଞ୍ଚାୟତ ବିଜେଡିର ଯୁବ ସଂଗଠକ ନିରଞ୍ଜନ ସାହୁ, ବନ୍ଧଡ଼ିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଶ୍ୟାମସୁନ୍ଦର ବେହେରା ମଧ ବିଜେଡ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ରହ୍ମବରଦାର ଅଜଗର ଖାଁ, ଅବଦୁଲ ମାଜିଦି, ସାମାଜିକ କର୍ମୀ ସେକ ଶାହାଜାନ, ଅଫସର ଖାନ, ଅବଦୁଲ ମତଲବି ଖାଁ, ଅବଦୁଲ ଜାସିର ଖାଁ, ସେକ ଜାହିର, ସେକ ସାଗିର ହୁସେନ, ରିଆସତ ଖାଁ, ସେକ ଆକିଲ, ରେହେମତ ଖାଁଙ୍କ ସମେତ ବହୁ ମୁସଲମାନ ସମ୍ପ୍ରଦାୟର ମହିଳା ଓ ପୁରୁଷ ଭାଜପାରେ ସାମିଲ ହୋଇଛନ୍ତି। ଏନେଇ ବ୍ରହ୍ମବରଦା ପଞ୍ଚାୟତର ଦାଣ୍ଡିଠାରେ ଭାଜପା ନେତା ପ୍ରଦୀପ ଦାସଙ୍କ ସଭାପତିତ୍ୱରେଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

## ଅନନ୍ତ ସ୍ମୃତି ପାଠାଗାରରେ ଆଲୋଚନାଚକ୍ର

ଝୁମ୍ପୁରୀ,୧୨।୫(ସରୋଜ ନାୟକ):

ମଙ୍ଗଳପୁରସ୍ଥିତ କବି ଅନନ୍ତ ସ୍ମୃତି ପାଠାଗାରରେ 'ଈଶ୍ୱର ବିଶ୍ୱାସ- ଶ୍ରଦ୍ଧା, ଭୟ ନା ପ୍ରୟୋଜନ'ଶୀର୍ଷକ ଏକ ଆଲୋଚନାଚକ୍ର ସମ୍ପାଦକ ଶଶୀକାନ୍ତ ନାୟକଙ୍କ ସଂଯୋଜନା ଓ ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ. ବାସୁଦେବ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ ହରେରାମ ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଖବରଦାତା ଉମାକାନ୍ତ ଧଳ ଯୋଗଦେଇଥିଲେ। ପ୍ରାଧ୍ୟାପକ ଡ. ବିଜୟ କିଶୋର ସାମଲ, ଚନ୍ଦ୍ରମଣି ସାହୁ, ସନାତନ ନାୟକ, ଜ୍ଞାନରଞ୍ଜନ ତ୍ରିପାଠୀ, ନିର୍ମଳ ପତି, ରବୀନ୍ଦ୍ରନାଥ ନାୟକ, କାର୍ତ୍ତିକ ଜେନା, ବିକାଶ ମହାନ୍ତି, ଅକ୍ଷୟ ମଲ୍ଲିକ, ବିପିନ ସେନାପତି, ସୁବାସ ବିଶ୍ୱାଳ, ଅଭିରାମ ଧଳ, ରବିନାରାୟଣ ପଣ୍ଡା ଓ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଧର୍ମଶାଳା ବିଜେଡି ଗାର୍ଲ୍ସ ଉଇଙ୍ଗ୍‌ର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଗର୍ଲ୍ସ ଉଇଙ୍ଗର କର୍ମକର୍ତ୍ତା ଓ ନୂତନ ଭୋଟର ।

ଧର୍ମଶାଳା,୧୨।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଗାର୍ଲ୍ସ ଉଇଙ୍ଗ୍ ପକ୍ଷରୁ ନୂତନ ଭୋଟରଙ୍କୁ ନେଇ ଏକ ବୈଠକ ରବିବାର ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗାର୍ଲ୍ସ ଉଇଙ୍ଗ୍ ସଭାନେତ୍ରୀ ଖିରାବ୍ଧୀ ତନୟା ମଲିକଙ୍କ ସଭାପତିତ୍ୱରେ ଧର୍ମଶାଳା ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର ଗାର୍ଲସ୍ ଉଇଙ୍ଗ ସଭାନେତ୍ରୀ ଓ ସମସ୍ତ ଜୋନ୍ ସଭାନେତ୍ରୀ ଉପସ୍ଥିତ ଥିଲେ। ୧୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଚିନ୍ମୟୀ ବେହୁରା ଧନ୍ୟବାଦ ଦେଇଥିଲେ।

## ଅନ୍ୟ ଦଳର କର୍ମୀ ଭାଜପାରେ ମିଶିଲେ

ଯାଜପୁର ଟାଉନ,୧୨।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଥସାହି ପଞ୍ଚାୟତର ଭାଜପା ନିର୍ବାଚନୀ କାର୍ଯ୍ୟାଳୟଠାରେ ରବିବାର ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଜିଲାସଭାପତି ତଥା ଯାଜପୁର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୌତମ ରାୟଙ୍କ ଉପସ୍ଥିତିରେ ସେମାନେ ପାର୍ଟିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ନାଥସାହି ପଞ୍ଚାୟତର କୃଷ୍ଣ ବିହାରୀ, ସରୋଜ ଘଡ଼ାଇ, ବୃନ୍ଦାବନ ଜେନା, ରାଜେନ୍ଦ୍ର ରାୟ, ବିଜୟ ବିହାରୀ, ଦେବାଶିଷ ପଣ୍ଡା, ସେକ୍ ମୁର୍ତାଜା ଅଲ୍ଲୀ, ଗଣେଶ ବେହେରା, ମାୟାଧର ସାହୁ, ସୁଦର୍ଶନ ପରିଡା, ଗଣେଶ ସେଠୀ, କେଶବ ବେହେରା, ଅଭିମନ୍ୟୁ ପରିଡା, କୃପାସିନ୍ଧୁ ସାହୁ, ନିରଞ୍ଜନ ବିହାରୀ ଓ ଶଙ୍କର ବେହେରା ପ୍ରମୁଖ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

## ରକ୍ତଦାନ କଲେ ସେବିକା


ଅନ୍ତର୍ଜାତୀୟ ସେବିକା ଦିବସ ଅବସରରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଆସୋସିଏଶନ ପକ୍ଷରୁ ରକ୍ତଦାନ କରାଯାଉଛି ।

ଯାଜପୁର ଟାଉନ,୧୨।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଆନ୍ତର୍ଜାତୀୟ ସେବିକା ଦିବସ ଅବସରରେ ରବିବାର ଯାଜପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ନର୍ସିଂ ଆସୋସିଏଶନ ଦ୍ୱାରା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସେବିକାମାନେ ରକ୍ତଦାନ କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାରଣା ସେମାନଙ୍କୁ ପ୍ରଶଂସା କରିଥିଲେ। ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ନଗେନ୍ଦ୍ରନାଥ ମହାପାତ୍ର, ଶିଶୁ ରୋଗ ବିଶେଷଜ୍ଞ ଡା. ସୁପ୍ରକାଶ ଶତପଥୀ, ଡା. ମନୋଜ ସେନାପତି, ଡା. ଲର୍ଡ ବିକ୍ରମ ଆଦିତ୍ୟ ରାଉତରାୟ, ଡା. ସୁଜିତ ମନୋହର ସ୍ୱାଇଁ, ସେବିକାଙ୍କ ପରାମର୍ଶଦାତା କନକ ମେକାପ, ମଞ୍ଜୁଲତା ମଲ୍ଲିକ, ସେବିକା ଅଳକା ନାୟକ, ମମତା ଷଣ୍ଢ, ମମତା ମହାନ୍ତି, ନିଳିମା ପଣ୍ଡା, ତୃପ୍ତୀ ପାତ୍ର ଓ ସସ୍ମିତା କଣ୍ଡଙ୍କ ସମେତ ବହୁ ସେବିକା ଉପସ୍ଥିତ ଥିଲେ। ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

**ମହାନଦୀରେ ବୁଡ଼ି ଯୁବକ ମୃତ**

କଟକ, (ଦିବାକର ସାହୁ): ମହାନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲାର ଚନ୍ଦନ ବିଶ୍ୱାଳ। ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଚନ୍ଦନ ତାଙ୍କ ସାଙ୍ଗମାନଙ୍କ ସହିତ ଜଗତପୁର ରେଳ ଓଭରବ୍ରିଜ୍ ନିକଟ ମହାନଦୀରେ ଗାଧୋଉଥିଲେ। ହଠାତ୍ ଗୋଡ ଖସିଯିବାରୁ ଭାରସାମ୍ୟ ହରାଇ ଚନ୍ଦନ ପାଣିରେ ବୁଡି ଯାଇଥିଲେ। ଏହି ସମୟରେ ତାଙ୍କ ସାଙ୍ଗମାନେ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଚନ୍ଦନଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିବା କଟକ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

## ଭାଜପା ସଭାରେ ସ୍କୁଲ ପାଚିକା

**ରାଜନଗର, ୧୨।୫ (ଭାସ୍କର ରାଉତରାୟ)**

ରାଜନଗର ନିର୍ବାଚନମଣ୍ଡଳୀରେ ସରକାରୀ କାର୍ଯ୍ୟରେ ନିୟୋଜିତ ଜଣେ ମହିଳା ଭାଜପା ନିର୍ବାଚନୀ ସଭାରେ ଯୋଗ ଦେଇଥିବା ଅଭିଯୋଗ ହୋଇଛି। ଚଳିତମାସ ୭ ତାରିଖରେ ଭାଜପା ପକ୍ଷରୁ ରାଜନଗର ବ୍ଲକର ମହିଁଷାସୁର ପଡ଼ିଆରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ହୋଇଥିଲା। କେନ୍ଦ୍ରାପଡ଼ା ଲୋକ ସଭାର ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଏଥିରେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ୟୁଜିୟୁପି ବିଦ୍ୟାଳୟର ପାଚିକା ସସ୍ମିତା ରାଉତ ଯୋଗ ଦେଇଥିଲେ। ସସ୍ମିତା ବୈଠକରେ ଯୋଗଦେଇଥିବାର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ରାଜଗଡ଼ ୟୁଜିୟୁପି ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବାଦଲ କୁମାର ଦାସ ଏ ନେଇ ବ୍ଲକ ଶିକ୍ଷାଧିକାରୀ, କେନ୍ଦ୍ରାପଡ଼ା ଜିଲାପାଳ ଓ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ ଚାଷୀ

**କେନ୍ଦ୍ରାପଡ଼ା, ୧୨।୫ (ଜଗନ୍ନାଥ ଧଳ)**

**କେନ୍ଦ୍ରାପଡ଼ା ଲୋକ ସଭା ଆସନ**
- ଜିଲାରେ ଜଳ ପରିଚାଳନାକୁ ଗୁରୁତ୍ୱ ଦେବାକୁ ଦାବି
- ନଦୀ ସଂଯୋଗୀକରଣରେ ସମସ୍ୟାର ସମାଧାନ




ଆସନ୍ତା ଜୁନ୍ ୧ରେ ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ନିର୍ବାଚନ ହେବ। ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପ୍ରଚାର ସମୟରେ କେନ୍ଦ୍ରାପଡ଼ା ଜିଲାର ଚାଷୀ କ୍ଷେତକୁ ଜଳ ପରିଚାଳନା ସମସ୍ୟାକୁ ଆଗକୁ ଆଣୁଛନ୍ତି।

ଜିଲାରେ ଚାଷୀଙ୍କ ସଂଖ୍ୟା ୬୯ ପ୍ରତିଶତରୁ ଊର୍ଦ୍ଧ୍ୱ। ଜିଲାର ଅର୍ଥନୀତି କୃଷିଭିତ୍ତିକ। ଲୁଣା, ଚିତ୍ରୋତ୍ପଳା, ପାଇକା, ମହାନଦୀ, ବିରୂପା, ବ୍ରାହ୍ମଣୀ, ଗୋବରୀ ନଦୀ ଏହି ଜିଲାରେ ପ୍ରବାହିତ ହେଉଛି। କେନ୍ଦ୍ରାପଡ଼ା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ ଓ ସମ୍ପ୍ରସାରିତ ଗୋବରୀ କେନାଲ ଅଛି। ପ୍ରାୟ ୧୪୦୦ କିଲୋମିଟର ଏହି ଜଳପଥ ଜିଲାରେ ଛନ୍ଦାଛନ୍ଦି ହୋଇ ରହିଛି। ୧,୮୨,୧୮୪ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ମାତ୍ର ୪୫,୯୧୪ ହେକ୍ଟର ଜମିରେ କେନାଲ ମାଧ୍ୟମରେ ଜଳସେଚନ ହୋଇପାରୁଛି। ସାମାନ୍ୟ ବର୍ଷାରେ ଜିଲାର ୭୦,୩୩୩ ହେକ୍ଟର ଜମିରେ ପାଣି ଜମି ରହି ଫସଲ ନଷ୍ଟ କରୁଛି। ସେହିପରି ୩୬,୦୩୮ ହେକ୍ଟର ଜମି ପାଣି ବିନା ମରୁଡି ହେଉଛି। ଜିଲାର ଆଳି, ରାଜକନିକା, ରାଜନଗର ଅଞ୍ଚଳରେ ଆଦୌ କେନାଲ ନାହିଁ। ଜଳସେଚନ ଓ ନିଷ୍କାସନ ସମସ୍ୟା ପାଇଁ ଅର୍ଥକରୀ ଫସଲ ଉତ୍ପନ୍ନ ହୋଇପାରୁନାହିଁ। ଧାନ ସହ ମାଛ ଚାଷ ଜିଲାର ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାସତ୍ତ୍ୱେ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫ଟି ବ୍ଲକର ୫୧ ପ୍ରତିଶତ ପରିବାରର ସଦସ୍ୟ କର୍ମ ଅନ୍ୱେଷଣରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି।

ଅପରପକ୍ଷରେ ୧୯୯୩ ଏପ୍ରିଲ ପହିଲାରେ ଅବିଭକ୍ତ କଟକରୁ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ହେଲା। ସ୍ୱତନ୍ତ୍ର ଜିଲା ମାନ୍ୟତା ପରେ ରାଜସ୍ୱ ଓ ଜଳ ପରିଚାଳନା ବିଭାଗ ମଧ୍ୟରେ ସମନ୍ୱୟ ରହିପାରୁନି। ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟ ଏଥିପାଇଁ ବାଧକ ହୋଇଛି। କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ବେଳେ ମହାନଦୀ ଉତ୍ତର ଡିଭିଜନର କାର୍ଯ୍ୟାଳୟ କଟକ ଜିଲାରେ ଅଛି। ସେହିପରି ପୁନ୍ଦାଲୋଠାରେ ଚିତ୍ରୋତ୍ପଳା ସବ୍‌ଡିଭିଜନ, ଚଣ୍ଡିଖୋଲସ୍ଥିତ ଯାଜପୁର ଜଳସେଚନ ଡିଭିଜନ ଓ ଡ୍ରେନେଜ ଡିଭିଜନ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇଠାରେ ଅଛି। ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଦୁହୁରିଆରେ ଓ କାଡା କେନାଲ ଡିଭିଜନ ଚାନ୍ଦୋଳଠାରେ ଥିବାବେଳେ ଆଳିରେ ତଟବନ୍ଧ ବିଭାଗ କାର୍ଯ୍ୟାଳୟ ଅଛି। ସହରର ତିନିମୁହାଣୀଠାରେ ଉଠା ଜଳସେଚନ ବିଭାଗ କାର୍ଯ୍ୟ କରୁଛି। ଜଳ ପରିଚାଳନାକୁ ନେଇ ରାଜସ୍ୱ ବିଭାଗ ସହ ଉପରୋକ୍ତ ବିଭାଗର ବୈଠକ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରୁ ଜଳ ପରିଚାଳନା ବୈଠକରେ ସମସ୍ତ ଉଚ୍ଚ ଅଧିକାରୀ ଏକାଠି ହୋଇ ନ ଥିବା ବୁଦ୍ଧିଜୀବୀମାନେ ପ୍ରାର୍ଥୀଙ୍କ ନିକଟରେ ପ୍ରଶ୍ନ ଉଠାଉଛନ୍ତି। ସାମୁଦ୍ରିକ ଝଡ, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ହେନ୍ତାଳବଣଙ୍କୁ ବିସ୍ତାରିତ କରିବା, ଜିଲାରେ ପ୍ରଭାବିତ ନଦୀଗୁଡିକର ସଂଯୋଗୀକରଣ ସହ ପ୍ରତ୍ୟେକ ବ୍ଲକ ଅଞ୍ଚଳର କ୍ଷେତକୁ ଜଳ ପରିଚାଳନାର ସୁବନ୍ଦୋବସ୍ତ କରିବା ଆଦି ସମସ୍ୟାର ସମାଧାନ ପାଇଁ ଚାଷୀ ଦାବି ଉପସ୍ଥାପନ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଚଳିତ ନିର୍ବାଚନରେ ଚାଷୀ ଏଥର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

## ଆଇଏଫ୍‌ଏସ୍ ପରୀକ୍ଷାରେ ୪୦ତମ ସ୍ଥାନରେ ଅର୍ଣ୍ଣବ

**ପଟ୍ଟାମୁଣ୍ଡାଇ, ୧୨।୫ (କଳ୍ପତରୁ ନାୟକ)**



ଚଳିତବର୍ଷ କେନ୍ଦ୍ରୀୟ ଲୋକ ସେବା ଆୟୋଗ ଦ୍ୱାରା ଭାରତୀୟ ବନସେବା (ଆଇଏଫ୍‌ଏସ୍)ର ପରୀକ୍ଷାଫଳ ପ୍ରକାଶ ପାଇଛି। ଏହି ସର୍ବଭାରତୀୟ ସେବା ପାଇଁ ପଟ୍ଟାମୁଣ୍ଡାଇ ମାଟିର ପୁଅ ଅର୍ଣ୍ଣବ ସାମନ୍ତରାୟ ସର୍ବଭାରତୀୟ ସ୍ତରରେ ୪୦ତମ ସ୍ଥାନ ହାସଲ କରିବା ସହ କେନ୍ଦ୍ରାପଡ଼ା ଜିଲା ତଥା ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଛନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ର ଥିବା ଅର୍ଣ୍ଣବ ସିବିଏସ୍‌ଇ ଦ୍ୱାରା ଆୟୋଜିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୯୭%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ଆଇଆଇଟି ଖଡ଼ଗପୁରରୁ ବି.ଟେକ୍ ଓ ଏମ୍.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ସେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ନିବାସୀ ନିରୋଦ ସାମନ୍ତରାୟ ଓ ବିଦ୍ୟୁତ୍‌ପ୍ରଭାଙ୍କ ପୁତ୍ର ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଉମାନାଥ ସାମନ୍ତରାୟଙ୍କ ନାତି ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ମା' ସିଦ୍ଧ ରାମଚଣ୍ଡୀଙ୍କ ଆଶୀର୍ବାଦ ସହିତ ଜେଜେମା' ତାରାମଣୀ, ବଡ଼ବାପା କ୍ଷୀରୋଦ ସାମନ୍ତରାୟ, କାକା ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସମେତ ସମସ୍ତ ଗୁରୁଜନଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅର୍ଣ୍ଣବଙ୍କୁ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଚାଟରାଚକଡ଼ାର ଲୋକଙ୍କୁ ଅରବିନ୍ଦଙ୍କ ଭୋଟ ଭିକ୍ଷା



ଲୋକଙ୍କ ଗହଣରେ ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଓ ଅନ୍ୟମାନେ।

**ଡେରାବିଶ, ୧୨।୫ (ବେବର୍ତ୍ତା ଅଜୟ ଦାସ)**

ପାଟକୁରା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ନିଜ ନିଜର ଭୋଟ ପ୍ରଚାରକୁ ଜୋରଦାର କରୁଛନ୍ତି। ରବିବାର ବିଜେଡି ପକ୍ଷରୁ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପ୍ରତି ପରିବାରଙ୍କ ନିକଟରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଜନହିତକର ଯୋଜନା ସମେତ ଚଳିତ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଜାରି ହୋଇଥିବା ଘୋଷଣାପତ୍ର ସମ୍ପର୍କରେ ଅବଗତ କରିଥିଲେ। ତାଙ୍କୁ ପାଟକୁରାବାସୀଙ୍କ ସେବା କରିବାର ସୁଯୋଗ ଦେବା ନିମନ୍ତେ ଭୋଟ ଭିକ୍ଷା କରିଥିଲେ। ଅରବିନ୍ଦଙ୍କ ଏହି ଭୋଟ ପ୍ରଚାର ସମୟରେ ବିଭିନ୍ନ ଗ୍ରାମର ମହିଳା ପୁରୁଷମାନେ ସ୍ୱାଗତ କରିଥିଲେ। ପ୍ରାର୍ଥୀ ମହାପାତ୍ରଙ୍କ ଏହି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲା ବିଜେଡି ସମ୍ପାଦିକା ସରଳରେଖା ସାହୁ, ଦଳର ବରିଷ୍ଠ ନେତା ସରୋଜକାନ୍ତ ନାୟକ, ଗଣେଶ୍ୱର ବେହେରା, ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ରମେଶ ଚନ୍ଦ୍ର ଦାସ, କ୍ଷୀରୋଦ ନାୟକ ଓ ଗୀତାଞ୍ଜଳି ଦାସ, ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ନିକୁଞ୍ଜ ପ୍ରଧାନ, ତ୍ରିଲୋଚନ ରାଉତ, ହେମନ୍ତ ନାୟକ, ଯଶୋବନ୍ତ ପ୍ରଧାନ ଓ ଅକ୍ଷୟ ମିଶ୍ର ପ୍ରମୁଖ ସାମିଲ ରହିଥିଲେ।

## ନହୁଣି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାଜକନିକା, ୧୨।୫ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ନହୁଣି ପଞ୍ଚାୟତର ଗୋପାଳପୁର ଗାଁରେ ରବିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଏହି କାର୍ଯ୍ୟକ୍ରମ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ନହୁଣି ପଞ୍ଚାୟତର ଗୋପାଳପୁର, ପଙ୍କି ଗାଁର ଏକାଧିକ ଲୋକ ସାମିଲ ହୋଇ ଘରକୁ ଘର ବୁଲି ଲୋକମାନଙ୍କୁ ବିଜେଡି ସରକାରର ବିକାଶମୂଳକ ଯୋଜନାଗୁଡ଼ିକ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ଅଞ୍ଜନ ନାୟକ, ନାରାୟଣ ସାହୁ, ପଦ୍ମଲୋଚନ ପରିଡ଼ା, ବିଶ୍ୱନାଥ ସାମଲ ଉପସ୍ଥିତ ଥିଲେ।

## ଆମ୍ ଆଦ୍‌ମୀ ପାର୍ଟି ଲୋକଙ୍କ ସମସ୍ୟାର ସମାଧାନ କରିବ




ଖବରଦାତା ସମ୍ମିଳନୀରେ ଆମ୍ ଆଦ୍‌ମୀ ପାର୍ଟିର ନେତାମାନେ।

**ଡେରାବିଶ, ୧୨।୫ (ବେବର୍ତ୍ତା ଅଜୟ ଦାସ)**

ଆମ ଆଦମୀ ପାର୍ଟି ଲୋକଙ୍କ ସମସ୍ୟାର ସାମଧାନ ଉପରେ ଗୁରୁତ୍ୱ ଦେବ ବୋଲି ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାଟକୁରାର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ କରିଥିବା ତ୍ରିପାଠୀ କହିଛନ୍ତି, ସେ ଏକ ଜାତୀୟ ଦଳରୁ ପ୍ରାର୍ଥୀ ହୋଇ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବାରୁ ନିଜକୁ ଗର୍ବିତ ମନେକରୁଛନ୍ତି। ଅନ୍ୟ ଦୁଇ ଜାତୀୟ ଦଳର ନାମ ନ ନେଇ ଗୋଟିଏ ୧୦୦ ବର୍ଷର ଦଳ ନିଜର ସତ୍ତା ହରାଇଥିବା ବେଳେ ଅନ୍ୟ ଦଳ ଧର୍ମକୁ ନେଇ ରାଜନୀତି କରୁଥିବାରୁ ସମାଲୋଚନା କରିଥିଲେ। ଅରବିନ୍ଦ କେଜରିୱାଲଙ୍କୁ ଶୁକ୍ରବାର ଜାମିନରେ ଛଡ଼ାଯାଇଥିବାରୁ ସେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆମ ଆଦମୀ ପାର୍ଟି ସମାଜର ନିମ୍ନବର୍ଗର ଲୋକଙ୍କଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣଙ୍କ ପାଇଁ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟ କରି ଆସୁଛି। ଦିଲ୍ଲୀ ପରେ ଅନ୍ୟ ରାଜ୍ୟରେ ଦଳ ତାର କାୟା ବିସ୍ତାର କରିଛି। ଓଡ଼ିଶାରେ ଚଳିତ ନିର୍ବାଚନରେ କେତେକ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେଇ ଓଡ଼ିଶାରେ ବଢ଼ିବା ପାଇଁ ଦଳ ଯୋଜନା କରିଛି। ପାଟକୁରା ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସୁଯୋଗ ଦେବାକୁ ଏହି ଖବରଦାତା ସମ୍ମିଳନୀ ଜରିଆରେ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଦୀର୍ଘ ୪୦ ବର୍ଷ ଧରି ଶ୍ରମିକମାନଙ୍କୁ ନେଇ କରିଥିବା ସଙ୍ଗଠନ ତାଙ୍କୁ ପାଟକୁରା ନିର୍ବାଚନ ମଣ୍ଡଳୀରେ ପରିଚିତ କରିବାରୁ ସେ ଏହି ନିର୍ବାଚନରେ ଲୋକାଦୃତ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଳି ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ଆଳି, ୧୨।୫ (ବନମାଳୀ ସେନାପତି)**

ଜୁନ ୧ ତାରିଖରେ ଆଳି ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନକୁ ଶାନ୍ତି ଶୃଙ୍ଖଳା, ଅବାଧରେ କରାଇବା ନିମନ୍ତେ ଆଳି ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଳି ଥାନା ଆଇଆଇସି ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ଆଳି ବ୍ଲକର କଳସପୁର ଓ ଭୂଇଁପୁର ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚ କଳସପୁର, ଜେନାଭଳି, ଆୟତପୁର, ଭୂଇଁପୁର ଗାଁରେ ହୋଇଥିଲା। ଦୁଇ ପ୍ଲାଟୁନ ସିଆଇଏସ୍‌ଏଫ୍ ଫୋର୍ସ ଏହି ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଫ୍ଲାଗ୍‌ମାର୍ଚ୍ଚରେ ହାବିଲଦାର ପି.ସି. ଜେନା, ଆଜମେର ସିଂହ, ଏଏସ୍‌ଆଇ ଡି. ଏମ. ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ

**ବିଭିନ୍ନ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼**

**ଡେରାବିଶ, ୧୨।୫ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଥିବା ଶ୍ରୀଶନିଶ୍ଚରଙ୍କ ପୀଠରେ ଶନିବାର ସକାଳୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଛି। ଏହି ଅବସରରେ ବ୍ଲକ୍ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳଣ୍ଠପୁର ଗ୍ରାମରେ ଥିବା ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ମଙ୍ଗଳ ଆରତୀ ପରେ ଗୋବରୀ ନଦୀ ଚମ୍ପାବାଗ ଘାଟରୁ ଶ୍ରଦ୍ଧାଳୁମାନେ ଜଳ ଆଣି ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ। ଭିଡ଼କୁ ଲକ୍ଷ୍ୟ କରି ସ୍ଥାନୀୟ ଅଗ୍ରଣୀ ଯୁବ ପରିଷଦ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଜଳଛତ୍ର ଖୋଲିଥିଲେ। ସେହିପରି ନଦୀଘାଟରେ ମହିଳା ଓ ପୁରୁଷମାନଙ୍କ ପାଇଁ ପାଣି ତୋଳିବାକୁ ଅଲଗା ଭାବେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଶନିଶ୍ଚରଙ୍କ ମନ୍ଦିର କମିଟି ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲା ଯାଇଥିଲା। ଭଜନ ସଂକୀର୍ତ୍ତନ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲା।

ଗୋଲରାହାଟ ପଞ୍ଚାୟତ ଦୁମୁକାଠାରେ ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଥିଲା। ସେହିପରି ହରିଅଙ୍କ ପଞ୍ଚାୟତ କୁଳସାହିଠାରେ ଥିବା ଶନିଶ୍ଚରଙ୍କ ପୀଠରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରଘୁଦେଇପୁର ପଞ୍ଚାୟତ ଦେଲାରପୁରଠାରେ ଗୋବରୀ ନଦୀ କୂଳରେ ଥିବା ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସେହିପରି କୁସିଆପାଳ ପଞ୍ଚାୟତ ଖସାପଡିଆଠାରେ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁରଠାରେ ଥିବା ଶନିଶ୍ଚରଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବା ସହ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଖିରେଶ୍ୱର ମହାଦେବଙ୍କ ପୀଠ, ପଲେଇ ପଞ୍ଚାୟତର କାଜିପୁର, ଚାନ୍ଦୋଳ ପଞ୍ଚାୟତର ନରଣପଡ଼ାର ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ପାଇଁ ପ୍ରାତଃରୁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗି ରହିଥିଲା।

## କଣ୍ଟାପଡ଼ା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

**ରାଜକନିକା, ୧୨।୫ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ କଣ୍ଟାପଡ଼ା ପଞ୍ଚାୟତ ସୁଶ୍ରୀ ଦେବୀ ସ୍କୁଲ ଖେଳ ପଡିଆରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସଭ୍ୟ ଅମିତା ସାହୁ, ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା ଓ ରାଜକନିକା ବ୍ଲକ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବକ୍ତବ୍ୟରେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକୁ ଜନସାଧାରଣଙ୍କୁ ଅବଗତ କରାଇବା ସହ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ନେତୃମଣ୍ଡଳୀଙ୍କ ସମେତ ହୃଷୀକେଶ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଳମ୍ବିତ ରାତିରେ ବଜ୍ରପାତ, ଜଳିଗଲା ଘର

**ପଟ୍ଟାମୁଣ୍ଡାଇ, ୧୨।୫ (କଳ୍ପତରୁ ନାୟକ)**

- ୫ ଗାଈ, ବାଛୁରି ଜୀବନ୍ତଦଗ୍ଧ
- ଆସବାବପତ୍ର ପୋଡ଼ି ନଷ୍ଟ



ବଜ୍ରପାତରେ ଜଳିଯାଇଥିବା ଘର।

ପଟ୍ଟାମୁଣ୍ଡାଇ ତହସିଲ ଦିହିଜୁପୁର ପଞ୍ଚାୟତ ଅଧୀନ ଖଦାଳସାହି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ଗୋବିନ୍ଦ ମଲ୍ଲିକଙ୍କ ଚାଳଛପର ଘର ଓ ଗୁହାଳଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହେବା ସହ ୫ ଗାଈ, ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେମାନଙ୍କୁ ବଞ୍ଚାଇବାକୁ ଯାଇ ଗୋବିନ୍ଦ ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଶନିବାର ରାତି ପ୍ରାୟ ଦେଢ଼ଟା ବେଳେ ହଠାତ୍ କାଳବୈଶାଖୀ ବର୍ଷା ମାଡ଼ି ଆସିଥିଲା। ବର୍ଷା ହେବା ପୂର୍ବରୁ ପ୍ରବଳ ବଜ୍ରପାତ ହୋଇଥିଲା। ଖଦାଳସାହି ଗାଁର ଗୋବିନ୍ଦଙ୍କ ଚାଳଘରକୁ ଲାଗିଥିବା ଗୁହାଳ ଉପରେ ବଜ୍ରପାତ ହେବାରୁ ନିଆଁ ଲାଗି ଯାଇଥିଲା। ଅଧରାତିରେ ଲୋକେ ଶୋଇ ପଡିଥିବା ବେଳେ ବର୍ଷା ପବନ ଓ ଘଡ଼ଘଡ଼ି ଯୋଗୁ ଲୋକେ ଘରୁ ବାହାରିବାକୁ ଭୟ କରୁଥିଲେ। ନିଆଁ ଲାଗିଥିବା କଥା କେହି ଜାଣିପାରି ନ ଥିଲେ। ତେବେ ଗୋରୁଙ୍କ ରଡିଶୁଣି ଗୋବିନ୍ଦଙ୍କ ପରିବାର ଲୋକେ ଉଠି ଦେଖିଲା ବେଳକୁ ନିଆଁ ଗୁହାଳ ଘର ସମେତ ଚାଳଘରକୁ ପୂରା ବ୍ୟାପି ସାରିଥିଲା। ଗୋବିନ୍ଦ ଗାଈମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିବା ବେଳେ ନିଆଁଧାସ ପଡି ଆହତ ହୋଇଥିଲେ। ପରିବାର ଲୋକଙ୍କ ପାଟି ଶୁଣି ଗାଁ ଲୋକେ ଏକାଠି ହୋଇ ନିଆଁକୁ ଆୟତ୍ତ କରିବାକୁ ବହୁ ଉଦ୍ୟମ କରିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲୋକେ ପ୍ରାୟ ୮୦ ଭାଗ ନିଆଁ ଲିଭାଇ ସାରିଥିଲେ। ବଜ୍ରପାତରେ ଗୋବିନ୍ଦଙ୍କ ଚାଳଘରେ ଥିବା ଆସବାବପତ୍ର, ଲୁଗାପଟା ଓ ଧାନ ଚାଉଳ ପୋଡ଼ି ପାଉଁଶ ହୋଇଯିବା ସହ ଗୁହାଳରେ ଥିବା ୩ ଗାଈ ଓ ଦୁଇ ବାଛୁରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଗୋପାଳନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଗୋବିନ୍ଦଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ସେପଟେ ବିଧାୟକ ଧ୍ରୁବ ସାହୁ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ସହିତ ଖୁବ ଶୀଘ୍ର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ବଜ୍ରପାତ ଯୋଗୁ ଗାଁର ବହୁ ଲୋକଙ୍କ ଘରେ ବିଦ୍ୟୁତ୍ ଉପକରଣ ନଷ୍ଟ ହୋଇଯାଇଛି।

ଅପରପକ୍ଷେ ବଜ୍ରପାତରୁ ଘରକୁ କିପରି ସୁରକ୍ଷିତ ରଖାଯାଇପାରିବ ସେନେଇ ବିଜ୍ଞାନ ଛାତ୍ରୀ ନିର୍ଜରା ନାୟକ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବଜ୍ରପାତ ହେଲେ ହାଇ ଭୋଲଟେଜ କରେଣ୍ଟ କୋଠା ଘରର କାନ୍ଥ ମଧ୍ୟ ଭାଙ୍ଗି ଦେଇପାରେ। ହେଲେ ଏବେ ବଜ୍ରପାତରୁ ଘରକୁ ସୁରକ୍ଷିତ ରଖିବାକୁ ବଜାରରେ ଲାଇଟେନିଂ ପ୍ରୋଟେକ୍ସନ ସିଷ୍ଟମ ମିଳୁଛି। ଏହାକୁ ବ୍ୟବହାର କଲେ ଘର ଉପରେ ବଜ୍ରପାତ ହେଲେ ମଧ୍ୟ କୌଣସି କ୍ଷତି ହେବ ନାହିଁ। ବଜ୍ରପାତରେ ହାଇଭୋଲଟେଜ କରେଣ୍ଟ ଘର ଉପରେ ପଡିବା ପୂର୍ବରୁ ଲାଇଟେନିଂ ପ୍ରୋଟେକ୍ସନ ସିଷ୍ଟମ୍ ତାକୁ ଟାଣିନେଇ ଆର୍ଥ ଜରିଆରେ ମାଟି ଭିତରେ ଛାଡିବ। ଏହି ଉପକରଣ ସହଜରେ ମିଳୁଥିବାରୁ ଘରକୁ ବଜ୍ରପାତରୁ ସୁରକ୍ଷିତ ରଖାଯାଇ ପାରିବ।

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ପରେ ଜାଳିଦେବା ମାମଲା, ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

**ଦିଗପହଣ୍ଡି,୧୨।୫(ଅଶେଷ ନାଥ ମିଶ୍ର)**

ସ୍ତ୍ରୀଙ୍କୁ ହତ୍ୟା ପରେ ଜାଳିଦେବା ମାମଲାରେ ଦିଗପହଣ୍ଡି ବ୍ଲକ ସାମନ୍ତରାପୁର ଗ୍ରାମର ସନ୍ତୋଷ ପାତ୍ରଙ୍କୁ ରବିବାର କେ.ନୂଆଗାଁ ପୋଲିସ କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୧୬୫/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଶୁକ୍ରବାର ରାତିରେ ସ୍ତ୍ରୀ ବିଷ୍ଣୁପ୍ରିୟା ପାତ୍ରଙ୍କୁ ଯୌତୁକ ଟଙ୍କା ପାଇଁ ତାଙ୍କ ସ୍ୱାମୀ ସନ୍ତୋଷ ନିସ୍ତୁକ ମାଡ଼ ମାରିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ବିଷ୍ଣୁପ୍ରିୟା ମରିଯିବା ପରେ ତାକୁ ଆତ୍ମହତ୍ୟାର ରୂପ ଦେବା ସହ ତଥ୍ୟ ଓ ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ କିରୋସିନ ଢାଳି ଜାଳି ଦିଆଯାଇଥିଲା। ସକାଳେ କେ.ନୂଆଗାଁ ପୋଲିସ ଗ୍ରାମରେ ପହଞ୍ଚି ଦରପୋଡ଼ା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସେ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

### ଗଛରୁ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ମୋହନା,୧୨।୫(ମନ୍ମଥ ମିଶ୍ର)**

ମୋହନା ଥାନା କନ୍ଧଗଣି ଛକ ନିକଟରେ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଚାଣ୍ଡୁଡ଼ାପଲ୍ଲୀ ଗାଁର ପିଣ୍ଟୁ ପାତ୍ର। ଶନିବାର ଯୁବକ ଜଣଙ୍କ ଘରୁ ବ୍ୟବସାୟ ଉଦ୍ଦେଶ୍ୟରେ ଅଟୋରେ ଧୂପକାଠି ନେଇ ମୋହନା ଯାଇଥିଲେ। ହେଲେ ସେ ରାତିରେ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଯୋଗାଯୋଗ କରିଥିଲେ ମଧ୍ୟ ଯୁବକଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା। ରବିବାର ସକାଳେ ସ୍ଥାନୀୟ ଲୋକେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ଘଟଣାସ୍ଥଳରୁ ମୋବାଇଲ ଫୋନ, ଆଧାର କାର୍ଡ ଓ ଏକ ଡାଇରି ଜବତ କରିଛି। ପରିବାର ଲୋକେ ପୁଅକୁ କେହି ହତ୍ୟା କରି ଗଛରେ ଟଙ୍ଗାଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

### ମହୁମାଛି ଆକ୍ରମଣରେ ୯ ଆହତ

**ମୋହନା,୧୨।୫(ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ଥାନା ଛତାଭରି ଗାଁ ନିକଟରେ ରବିବାର ମହୁମାଛି ଆକ୍ରମରେ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ବେଳେ ୬ଜଣ ଆହତ ଅଛନ୍ତି। ବ୍ରହ୍ମପୁରଠାରୁ କାର ଯୋଗେ ମୋହନା ଅଭିମୁଖେ ଯାଉଥିବା ଏକ ପରିବାରର ୪ ଜଣ ଛତାଭରି ଗାଁ ନିକଟରେ ପରିସ୍ରା କରିବା ପାଇଁ କାରଟି ଏକ ଗଛମୂଳେ ରଖିବା କ୍ଷଣି ହଠାତ୍ ମହୁମାଛି ତାଙ୍କ ଉପରେ ଆକ୍ରମଣ କରିଥିଲା। ପ୍ରାଣ ବିକଳରେ ସେମାନେ କାର ଭିତରେ ପଶି ଯାଇଥିଲେ, ହେଲେ ମହୁମାଛି କାର ଭିତରେ ପଶି ସମସ୍ତଙ୍କୁ ଆକ୍ରମଣ କରିଥିଲେ। ରାସ୍ତାରେ ଯାଉଥିବା କିଛି ଲୋକଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ମୋହନା ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ୩ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜି ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ୧୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡ଼ା,୧୨।୫(କାଳିଚରଣ ଦାଶ)**

ବୁଗୁଡ଼ା ଅଞ୍ଚଳ ଗଞ୍ଜେଇ କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ରବିବାର ଏକ ବସ୍ତାରେ ଥିବା ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ ସହ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମର ସରୋଜ ଘଡ଼େଇ। ପୂର୍ବାହ୍ନ ୧୧ଟା ବେଳେ ବୁଗୁଡ଼ା ସହର ଉପକଣ୍ଠ ବଡ଼ଶଙ୍ଖ ନିକଟରେ ସରୋଜ ଏକ ବସ୍ତାରେ ଗଞ୍ଜେଇ ଧରି ଭୁବନେଶ୍ୱର ଅଭିମୁଖେ ଯିବାକୁ ଅପେକ୍ଷା କରିଥିଲେ। ଖବର ପାଇ ବୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇର ପରିମାଣ ୧୬ କିଲୋଗ୍ରାମ। ଏ ନେଇ ନଂ. ୧୯/୨୪-୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଅବକାରୀ ଥାନା ଅଧିକାରୀ ମୋଜି ଶବରଙ୍କ ଠାରୁ ପ୍ରକାଶ। ଉକ୍ତ ଚଢ଼ାଉରେ ଅବକାରୀ ଥାନାଧିକାରୀ ମୋଜି ଶବରଙ୍କ ସହ ଏଏସ୍‌ଆଇ ରାମେଶ୍ୱର ବେହେରା ଓ ଅନ୍ୟମାନେ ସାମିଲ ଥିଲେ।

# ନୟାଗଡ଼ରେ ଅରୁଣଙ୍କ ମାରାଥନ ପ୍ରଚାର

**ନୟାଗଡ଼,୧୨।୫ (ଲୋକନାଥ ମିଶ୍ର)**



ପଥପ୍ରାନ୍ତ ସଭାରେ ବିଧାୟକ ପ୍ରାର୍ଥୀ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁଙ୍କ ମାରାଥନ ପ୍ରଚାର ଚାଲିଛି । ଏହି ଅବସରରେ ବାଇକ୍ ଶୋଭାଯାତ୍ରାର ଆୟୋଜନ ସହିତ ବିଭିନ୍ନ ଗାଁରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି । ବିଧାୟକ ଗାଁ କୁ ଗାଁ ବୁଲି ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ନବୀନଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରି ସାରା ଦେଶରେ ଟେକ ରଖିବା ପାଇଁ ସେ କର୍ମୀମାନଙ୍କୁ ନିବେଦନ କରିଛନ୍ତି । ରବିବାର ନୟାଗଡ଼ ବ୍ଲକର ବାଲିକୁଦିଆ, ସୁକଳଗାଁ, ଆଙ୍କୁଲିପାଟଣା, କଦଳୀବସ୍ତ, ପାଲାଗୁଣ୍ଡୁଣି, ସଜନାପ ସୁବଳୟା, ସାଲୁଣି, ବୃଖେ ଆଦି ସ୍ଥାନରେ ବିଧାୟକଙ୍କ ପ୍ରଚାର ଶୋଭାଯାତ୍ରା ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏମ୍‌ପି ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ ଜଣେ ସେବା ମନବୃତ୍ତିର ମଣିଷ । ସେ ଡେଲାଙ୍ଗ ମାଟିର ପୁଅ । ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଅରୁଣ ନିବେଦନ କରିଛନ୍ତି।

## ମା' ବ୍ରାହ୍ମଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବ୍ରାହ୍ମଣୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ।

**ଶରଣକୁଳ,୧୨।୫(ଦୀପକ କର)**

ଶରଣକୁଳ ନିକଟବର୍ତ୍ତୀ ଗୋଡ଼ିପଲ୍ଲୀ ଗ୍ରାମ ନିକଟରେ ଥିବା ବାଣୀଝରି ପାହାଡ଼ର ପ୍ରାକୃତିକ ପରିବେଶରେ ବିଜେ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ୨ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ହୋଇଛି। ଅକ୍ଷୟ ତୃତୀୟାର ପରବର୍ତ୍ତୀ ୨ଦିନ ଅର୍ଥାତ୍ ବୈଶାଖ ଶୁକ୍ଳ ଚତୁର୍ଥୀ ଓ ପଞ୍ଚମୀ ତିଥିରେ ପ୍ରତିବର୍ଷ ଏଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଆସୁଛି। ଶନିବାର ପ୍ରଭାତରୁ ଦୁଆଣ୍ଟ ନଦୀରୁ ପବିତ୍ର ଜଳ କଳସରେ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା । ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରବିବାର ସନ୍ଧ୍ୟାରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ମା'ବ୍ରାହ୍ମଣୀ ଦେବୀ ପୂଜା କମିଟି, ଗୋଡ଼ିପଲ୍ଲୀ ଗ୍ରାମ ପରିଚାଳନା କମିଟି, ବାଣିଝରୀ ଜଙ୍ଗଲ ସୁରକ୍ଷା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠାତା ଦିଗାମ୍ବର ସ୍ୱାଇଁ ଉପରୋକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜୟ ରାଉତ ସସ୍ତ୍ରୀକ ଯଜ୍ଞରେ ଯଜମାନ ହୋଇ ଆହୂତି ପ୍ରଦାନ କରିଥିଲେ। ସାଲୁ ରାଉତ, ନିରାକାର ସ୍ୱାଇଁ, ପରମାନନ୍ଦ ଭୋଳ, ଜଳନ୍ଧର ସ୍ୱାଇଁ, ଉଲା ରାଉତ, ଛେତ ଜେନା, ବାବୁ ସ୍ୱାଇଁ, ରାମ ସ୍ୱାଇଁ, ଶିଶିର ସ୍ୱାଇଁ, ଗଦେଇ ଜେନା ପ୍ରମୁଖ ଏଥବରେ ସହଯୋଗ କରିଥିଲେ।

## ବାଣୀଗୋଛା ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଦଶପଲ୍ଲା,୧୨।୫(ପ୍ରକାଶ କୁମାର ପାଣି)**



ରବିବାର ଅପରାହ୍ନରେ ବାଣୀଗୋଛା ପୋଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାରେ ଶେଷ ହେବ ସେଥିପାଇଁ ପୋଲିସ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ଫ୍ଲାଗ୍‌ମାର୍ଚ୍ଚରେ ସିଆର୍‌ପିଏଫ୍ ଏବଂ ବାଣୀଗୋଛା ଥାନାର ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ । ବାଣୀଗୋଛା ଥାନାଠାରୁ ଏହି ଫ୍ଲାଗ୍‌ମାର୍ଚ୍ଚ ବାହାରି ବାଣୀଗୋଛା, କୁଲୁରୁକୁମ୍ପା ଓ ତାକୁଡ଼ା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ବାଣୀଗୋଛା ଥାନା ଆଇଆଇସି ଲକ୍ଷଣ ଦଣ୍ଡସେନାଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା।

## କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତଙ୍କ ରୋଡ୍ ଶୋ

**ଜି.ଉଦୟଗିରି,୧୨।୫(ଶିଶିର ପଟ୍ଟନାୟକ)**

କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ.ଅଚ୍ୟୁତ ସାମନ୍ତ ଶନିବାର ଜି.ଉଦୟଗିରି ବ୍ଲକ ଓ ନଗର ବିଜେଡି କର୍ମକର୍ତ୍ତାଙ୍କ ସହ ରୋଡ ଶୋ' କରିଛନ୍ତି। ଜି. ଉଦୟଗିରି ଏନ୍‌ଏସି ଅନ୍ତର୍ଗତ ନୂଆ ହାଟପଦା ଠାରେ ସ୍ଥାନୀୟ ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଏକ ଖୋଲା ପ୍ରଚାର ଗାଡ଼ିରେ ଏନ୍‌ଏସି ଅଧକ୍ଷା ଦେବସ୍ମିତା ଶତପଥୀ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସମେତ ଦଳୀୟ ନେତା କର୍ମୀମାନଙ୍କ ସହ ରୋଡ଼ ଶୋରେ ବନ୍ଧ ଛକ, ଗାନ୍ଧୀ ଛକ ହୋଇ କାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କୁ ଓ ଦଳର ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ। ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ବ୍ଲକ ଉପାଧ୍ୟକ୍ଷ ଏନ ଲୁକ୍, ସମସ୍ତ ବିଜେଡି କାଉନସିଲର, ସମିତି ସଭ୍ୟ, ସରପଞ୍ଚ, କାର୍ଯ୍ୟକାରୀ ସଭାପତି ଅନିଲ ଦଳବେହେରା, ବ୍ଲକ କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ଏମପି ପ୍ରତିନିଧି ସାମନ୍ତ ଦିଗାଲ ପ୍ରମୁଖ ଏଥିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଦଳୀୟ ପ୍ରାର୍ଥୀମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

### ସାଧାରଣ ନିର୍ବାଚନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ପାରଳାଖେମୁଣ୍ଡି, ୧୨।୫ (ଗିରିଧାରୀ ପରିଛା)**

ସୋମବାର ଅନୁଷ୍ଠିତ ହେବ ସାଧାରଣ ନିର୍ବାଚନ। ଏଥିପାଇଁ ଗଜପତି ଜିଲାର ଦୁଇଗୋଟି ନିର୍ବାଚନମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡି ପାଇଁ ପୁଲିଂ କର୍ମଚାରୀ ବୁଥ୍‌ରେ ପହଞ୍ଚିଛନ୍ତି। କାଶୀନଗର, ଗୁମ୍ମା, ପାରଳାଖେମୁଣ୍ଡି ଓ ଗୋଷାଣୀକୁ ନେଇ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଥିବା ବେଳେ ମୋଟ ୨,୧୭,୫୫୫ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ୧,୦୭,୧୧୦ ଭୋଟର ରହିଥିବା ବେଳେ ୧,୧୦,୪୨୮ ମହିଳା ଭୋଟର ଓ ୧୭ଜଣ କିନ୍ନର ରହିଛନ୍ତି। ସେହିଭଳି ମୋହନା ନିର୍ବାଚନମଣ୍ଡଳୀ ମୋହନା, ଆର. ଉଦୟଗିରି, ନୂଆଗଡ଼ ଓ ରାୟଗଡ଼କୁ ନେଇ ଗଠିତ ହୋଇଛି। ମୋହନା ନିର୍ବାଚନମଣ୍ଡଳୀରେ ସମୁଦାୟ ୨,୪୫,୯୧୨ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୧,୧୯,୩୪୦ ପୁରୁଷ ଭୋଟର ଏବଂ ୧,୨୬,୫୬୮ ମହିଳା ଭୋଟର ଓ କିନ୍ନର ୪ଜଣ ରହିଛନ୍ତି। ଜିଲାର ୫୭୩ଟି ବୁଥରେ ମତଦାନ ହେବ। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୨୭୬ଟି ବୁଥ ରହିଥିବା ବେଳେ ମୋହନା ନିର୍ବାଚନମଣ୍ଡଳୀରେ ୨୯୭ଟି ବୁଥ ରହିଛି। ମୋଟ ପ୍ରାୟ ୪୧୦୦ ଜଣ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୮୯ ସମ୍ବେଦନଶୀଳ ବୁଥ୍ ରହିଛି। ପାରଳାଖେମୁଣ୍ଡିରେ ୪୪ଟି ସମ୍ବେଦନଶୀଳ ବୁଥ୍ ରହିଥିବା ବେଳେ ମୋହନା ନିର୍ବାଚନମଣ୍ଡଳୀରେ ୪୫ଟି ସମ୍ବେଦନଶୀଳ ବୁଥ୍ ରହିଛି।

### ୨୪୪ କେନ୍ଦ୍ରରେ ମତଦାନ ଆଜି

**ଛତ୍ରପୁର,୧୨।୫(ଦିଲୀପ ସାମଲ)**

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ସୋମବାର ମତଦାନ କରାଯିବ। ଗଞ୍ଜାମ ଜିଲା ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୪ଟି ମତଦାନ କେନ୍ଦ୍ରରେ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବାକୁ ବ୍ୟବସ୍ଥା ହୋଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ତତ୍ତ୍ୱାବଧାନରେ ରବିବାର ସ୍ଥାନୀୟ ଅନସ୍ଲୋ ହାଇସ୍କୁଲ ପରିସରରେ ଥିବା ନିର୍ବାଚନ ପରିଚାଳନା କେନ୍ଦ୍ରଠାରୁ ଇଭିଏମ, ଭିଭିପିଏଟି ସହ ବୁଥ ସ୍ତରୀୟ ଭୋଟର ତାଲିକା ଆବଶ୍ୟକୀୟ ଉପକରଣ ଧରି ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ବୁଥ ମୁହାଁ ହୋଇଛନ୍ତି । ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୫ ହଜାର ୮୦୫ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ୍ୟ କରିବେ।

## ମଦନମୋହନ, ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ ନୀତି ଆରମ୍ଭ

**ଖଣ୍ଡପଡ଼ା,୧୨।୫ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର ପରିସରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ମଦନମୋହନ ଓ ମା'ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ ନୀତି ପାରମ୍ପରିକ ରୀତିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏ ଅବସରରେ ଖଣ୍ଡପଡ଼ା ସହର ଚନ୍ଦନ ବଜାରଠାରେ ଚଳିତ ବର୍ଷ ଚନ୍ଦନଯାତ୍ରା ନିମନ୍ତେ ପୂଜାର୍ଚ୍ଚନା କରାଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଚନ୍ଦନ ଯାତ୍ରା ନେଇ ଖଣ୍ଡପଡ଼ା ଚନ୍ଦନ ବଜାର ଚଳଚଞ୍ଚଳ ହୋଇ ଉଠିଛି। ଏହି ପାରମ୍ପରିକ ନୀତି ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେବ। ବିଗ୍ରହଙ୍କ ପ୍ରତିଦିନର ନୀତିକାନ୍ତି ସମ୍ପନ୍ନ ପରେ ମନ୍ଦିର ପରିସରରୁ ଠାକୁରଙ୍କୁ ବିମାନ ଯୋଗେ ନିକଟସ୍ଥ ବଡପୋଖରୀକୁ ବିଜେ କରାଯାଇଥିଲା। ପରେ ବିଗ୍ରହଙ୍କୁ ସୁସଜ୍ଜିତ ନୌକାରେ ଚାପ କ୍ରୀଡ଼ା କରାଯାଇଥିଲା। ସୂଚନାଯୋଗ୍ୟ, ବିଭିନ୍ନ କାରଣରୁ ଠାକୁରଙ୍କ ଚନ୍ଦନଯାତ୍ରା ଓ ଚାପଖେଳ ନୀତି ଗତ ୮ ବର୍ଷ ଧରି ବନ୍ଦ ରହିଥିଲା। ଚଳିତ ବର୍ଷ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ବିଭିନ୍ନ ପଞ୍ଚାୟତରେ ସମ୍ବର୍ଦ୍ଧନା



**ଖଣ୍ଡପଡ଼ା,୧୨।୫(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ବିଭିନ୍ନ ପଞ୍ଚାୟତରେ ପ୍ରଚାରକୁ ଜୋରଦାର କରିଛନ୍ତି। ଶତାଧିକ ସମର୍ଥକଙ୍କ ଗହଣରେ ସେ ଗ୍ରାମ ପରିକ୍ରମା କରିବା ସହ ଦଳୀୟ ଚିହ୍ନ ଶଙ୍ଖରେ ଭୋଟ ଦେବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରୁଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରେ ତାଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ ସହ ରାଜ୍ୟ ସରକାରଙ୍କ ସଫଳତାକୁ ପାଥେୟ କରି ବିଧାୟିକା ପ୍ରାର୍ଥୀ ପ୍ରଧାନ ସିଧାସଳଖ ଜନସାଧାରଣଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ୫ଟି ସାଧାରଣ ନିର୍ବାଚନରେ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରୁ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ବିଜେଡିକୁ ଏଠାରେ ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ପ୍ରଧାନ କରିଛନ୍ତି।

## ଗଛ ପଡ଼ି ଦୋକାନ ଭାଙ୍ଗିଲା



**ଗଣିଆ,୧୨।୫(ସନ୍ତୋଷ କୁମାର ପ୍ରଧାନ)**

ଶନିବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ଗଣିଆ ବ୍ଲକ ଛାମୁଣ୍ଡିଆ ତଳବଜାରରେ ଏକ ଆମ୍ବ ଗଛ ଭାଙ୍ଗିପଡ଼ିଛି। ଆମ୍ବ ଗଛଟି ପଡ଼ିବାରୁ ୨ଟି ଦୋକାନ ଘର ଭାଙ୍ଗିଯାଇଛି । ଏଥିସହ ଦୋକାନ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗିପଡ଼ିଛି। ଫଳରେ ଛାମୁଣ୍ଡିଆ ତଳ ବଜାର,ପଞ୍ଚାୟତ କାର୍ଯ୍ୟାଳୟ ଓ ରେଞ୍ଜ ଅଫିସରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। କାଳବୈଶାଖୀ ସମୟରେ ଦୋକାନରେ ଥିବା କେତେଜଣ ଲୋକ ଅଳ୍ପକେ ଏହି ବଡ଼ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ରବିବାର ସକାଳୁ ଖବର ପାଇ ଗଣିଆ ଅଗ୍ନିଶମ କର୍ମଚାରୀମାନେ ଛାମୁଣ୍ଡିଆ ତଳ ବଜାରରେ ପଡ଼ିଥିବା ଆମ୍ବଗଛକୁ କାଟି ସଫା କରିବା ପରେ ସେହି ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଛି ।

## ଖଳିସାହିରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖଣ୍ଡପଡ଼ା,୧୨।୫ (ଅଜୟ କୁମାର ମହାରଣା)**

ଭାଜପା ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମରେ ଏକ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଦଳର କର୍ମକର୍ତ୍ତା, ସଙ୍ଗଠକ ଓ ପଞ୍ଚାୟତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଦଳୀୟ କାର୍ଯ୍ୟାଳୟକୁ ରବିବାର ଉଦ୍‌ଘାଟନ କରିଥିଲେ। ଭାଜପା କାର୍ଯ୍ୟାଳୟଟି କାର୍ଯ୍ୟାରମ୍ଭ କରିଥିବାରୁ ଖଳିସାହି ପଞ୍ଚାୟତରେ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଫୁଲବାଣୀ,୧୨।୫(ରାକେଶ କୁମାର ରାଉତ)**

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା ଏବଂ ଦୌରା ଜଜ୍‌ଙ୍କ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ମକଦ୍ଦମା ମଧ୍ୟରୁ ୮୬ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୪ ଲକ୍ଷ ୯୬ ହଜାର ୫୬୦ ଟଙ୍କା, ୩୧ଟି ଅନ୍ୟାନ୍ୟ ମାମଲା ବାବଦରେ ୧ଲକ୍ଷ ୨୬ ହଜାର ୫୬୯ ଟଙ୍କା ଆଦାୟ କରାଯାଇଛି। ସେହିପରି ଅଦାଲତରେ ବିଚାରାଧୀନ ମାମଲା ମଧ୍ୟରୁ ୫ଟି ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୮ଲକ୍ଷ ୨୭ ହଜାର ୭୫୨ଟଙ୍କା, ଗୋଟିଏ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ୨୦ ଲକ୍ଷ ଟଙ୍କା, ୧୨ଟି ବୈବାହିକ ବିବାଦ ମାମଲା ଫଇସଲା କରାଯାଇ ୩ ଲକ୍ଷ ୩୨ ହଜାର ଟଙ୍କା ଏବଂ ୧୫୦ଟି ଅନ୍ୟାନ୍ୟ ଆପରାଧିକ ମାମଲାର ବିଚାର କରାଯାଇ ୧ହଜାର ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୧୯୮ଟି ମାମଲାର ଫଏସଲା ହୋଇଛି। ଜିଲା ଜଜ୍ ସତ୍ୟପିର ମିଶ୍ର, ଅତିରିକ୍ତ ଜିଲା ଏବଂ ଦୌରା ଜଜ୍ ସୈକତ ପାତ୍ର, ପାରିବାରିକ ଅଦାଲତ ବିଚାରପତି ଦେବଦୁତ୍ତଦାସ ମହାପାତ୍ର, ରେଜିଷ୍ଟ୍ରାର୍ ନିତିଶା ଚନ୍ଦକ୍, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁଶୀଳା ରୟ, ଏସ୍‌ଡିଜେଏମ୍ ଅରିଜିତ୍ ଦାସ, ଜେଏମ୍‌ଏଫ୍‌ସି ସୁଶ୍ରୀ ସ୍ୱାଗତିକା ସ୍ୱାଇଁଙ୍କ ଅଦାଲତରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା।

## ନିର୍ବାଚନ ପ୍ରଚାରରେ କମ୍ପୁଛି ବୁଗୁଡ଼ା ଅଞ୍ଚଳ

**ବୁଗୁଡ଼ା,୧୨।୫(କାଳିଚରଣ ଦାଶ)**




ପ୍ରଚାର ଗାଡ଼ି।

ଚଳିତ ସାଧାରଣ ନିର୍ବାଚନର ଉଷ୍ମତା ବୃଦ୍ଧି ପାଉଥିଲା ବେଳେ ଆଉ ମାତ୍ର କିଛି ଦିନ ପରେ ଅର୍ଥାତ୍ ମେ ୨୦ ତାରିଖରେ ଆସିକା ଲୋକ ସଭା ସାଙ୍ଗକୁ ପୋଲସରା ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ କରାଯିବ। ଜାତୀୟ ଦଳ କଂଗ୍ରେସ ସମେତ କିଛି ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଠିକଣା ଢଙ୍ଗରେ ଚାଲିଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ମୁହାଁମୁହିଁ ହୋଇଥିବା ଓଡ଼ିଶା ରାଜନୀତିର ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପାର ପ୍ରଚାରରେ ବୁଗୁଡ଼ା ଅଞ୍ଚଳ କମ୍ପି ଉଠୁଛି। ଏହି ଦୁଇ ଦଳର ପ୍ରଚାର ପ୍ରତିଯୋଗିତା ଯୋଗୁ ଉତ୍କଟ ଶବ୍ଦ ପ୍ରଦୂଷଣ ଜନସାଧାରଣଙ୍କ ବିରକ୍ତିର କାରଣ ପାଲଟିଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ବଧିର ପାଲଟି ଯାଇଥିବା ମନେହେଉଛି। ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳର ଭୋଟରମାନଙ୍କ ମନ ଜିଣିବାକୁ ନେତାମାନେ ମନଛୁଆଁ ଭାଷଣ ମଧ୍ୟ ଦେଉଛନ୍ତି। ବିଜେଡି ପକ୍ଷରୁ ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ବୁଗୁଡ଼ା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିବା ବେଳେ ଭାଜପା କିମ୍ବା କଂଗ୍ରେସର ଶୀର୍ଷସ୍ତରୀୟ କୌଣସି ନେତା ଆସି ନ ଥିଲେ ମଧ୍ୟ ପ୍ରାର୍ଥୀ ଏବଂ ସେମାନଙ୍କ ସମର୍ଥକମାନେ ଘର ଘର ବୁଲି ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେଲା ଗ୍ୟାରେଣ୍ଟି ଶବ୍ଦକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ପକ୍ଷରୁ ମୋଦି ଗ୍ୟାରେଣ୍ଟିର ନାରା ଦିଆଯାଉଥିଲା ବେଳେ ବିଜେଡି ପକ୍ଷରୁ ନବୀନଙ୍କ ଗ୍ୟାରେଣ୍ଟିର ସ୍ଲୋଗାନ ଦିଆଯାଉଛି। ତେବେ କାହା ଗ୍ୟାରେଣ୍ଟିକୁ ଭୋଟରମାନେ ଭରସା କରୁଛନ୍ତି, ତାହା ଆଗାମୀ ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ୩ ମାସ ତଳେ ନିର୍ମାଣ ହୋଇଥିବା କଲଭର୍ଟ ଭୁଶୁଡ଼ିଲା

**ଚଣ୍ଡିଖୋଲ,୧୨।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତର କୋହ୍ଲା ଗ୍ରାମ ନିକଟରେ ୩ ମାସ ତଳେ ନିର୍ମାଣ ହୋଇଥିବା କଲଭର୍ଟ ଶନିବାର ଭୁଶୁଡ଼ିପଡିଛି। ଏହି ରାସ୍ତା ଦେଇ ଏକ ଟିପ୍ପ ବୋଝେଇ ହାଇୱା ଅତିକ୍ରମ କରୁଥିବାବେଳେ କଲଭର୍ଟଟି ଭାଙ୍ଗି ଦୁଇ ଫାଳ ହୋଇଯାଇଛି। ଏହା ପଞ୍ଚାୟିତରାଜ ବିଭାଗ ଦ୍ୱାରା ନିର୍ମାଣ କରାଯାଇ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିପରି ବିଭାଗୀୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଓ ସହକାରୀ ଯନ୍ତ୍ରୀ ଏହାର ନିର୍ମାଣ କରିଥିଲେ ତାକୁ ନେଇ ପ୍ରଶ୍ନଉଠିଛି। ଏହି କାର୍ଯ୍ୟଟି ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରହିଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ମାତ୍ର ସେଠାରେ ଫଳକ ଲାଗି ନ ଥିବାରୁ ଏହା କେଉଁ ବିଭାଗର କାର୍ଯ୍ୟ ତାହା ଜଣା ପଡ଼ିନାହିଁ। ରବିବାର ଏହି ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେମାନେ ଫୋନ ଉଠାଇ ନ ଥିଲେ। ଘଟଣାର ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।


କୋହ୍ଲା ଗ୍ରାମ ନିକଟରେ କଲଭର୍ଟ ଭୁଶୁଡ଼ିପଡିଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବିଞ୍ଝାରପୁର,୧୨।୫(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁ ପଞ୍ଚାୟତ ବଡ଼ମଲିପୁର ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବଡ଼ମଲିପୁର ଗ୍ରାମର ପଦ୍ମଲାଭ ଜେନାଙ୍କ ପୁଅ ରାଜା ଜେନା(୨୨)। ଗ୍ରାମରେ ଥିବା ଏକ ଜାମୁ ଗଛରେ ରାଜାଙ୍କ ମୃତଦେହ ଝୁଲୁଥିବା ସକାଳେ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅଂଶୁମାଳା ଦାସ କହିଛନ୍ତି। ରାଜା ରାଜ୍ୟ ବାହାରେ କାର୍ଯ୍ୟ କରୁଥିବାବେଳେ କିଛିଦିନ ପୂର୍ବରୁ ଗ୍ରାମକୁ ଆସିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ମୁଜାଫର


@ ରୁଦ୍ର


@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ମାତୃତ୍ୱ ଦିବସ ପାଳିତ


ମାତୃତ୍ୱ ଦିବସରେ ଯୋଗଦେଇଥିବା ମହିଳାମାନେ।

**ବାଲିଚନ୍ଦ୍ରପୁର,୧୨।୫ (ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ଆର୍‌କେ ପବ୍ଲିକ୍ ସ୍କୁଲ ପରିସରରେ ଛାୟା ଫାଉଣ୍ଡେଶନ(ପଲାଇ) ଆନୁକୂଲ୍ୟରେ ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ସ୍କୁଲ୍ ଅଧକ୍ଷା ଲିଲି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାୟା ଫାଉଣ୍ଡେଶନ ସଭାପତି ଅମିତା ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ଅର୍ଚ୍ଚନା ଦାସ, ସାମାଜିକ କର୍ମୀ ଅନୁପମା ପ୍ରଧାନ, ବିକ୍ରମ କେଶରୀ ପ୍ରଧାନ, ଦୀପକ ମହାନ୍ତି, ପ୍ରସ୍ତରଶିଳ୍ପୀ ସୁଶାନ୍ତ କୁମାର ଦାସ ଓ ନିଶିକାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ମା'ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ମାତୃ ବନ୍ଦନା ଗାନ କରାଯାଇଥିଲା। ମା'ମାନଙ୍କ ଦ୍ୱାରା ସ୍କୁଲ ପରିସରରେ ମେହେନ୍ଦି, ବାଲଟି ବଲ, ମ୍ୟୁଜିକ ଚେୟାର ଓ ବେଲୁନ ରେସ୍ ଆଦି କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥି ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ଉପହାର ଦେଇ ମାତୃ ଦିବସର ମହାନତା ପ୍ରତିପାଦିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ପ୍ରଶାସନ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ଯାଜପୁର ସଦର,୧୨।୫(ସମର ବିଜୟ ଶରଣ):**

ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଯାଜପୁର ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବରୀ ରାସ୍ତାର ତାରିଣୀ ଛକ ନିକଟରେ ପ୍ରଶାସନ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ବରୀ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଦୀପକ କୁମାର ରାଉତ, ପ୍ରହଲ୍ଲାଦ ବିଶ୍ୱାଳ, ସ୍ୱରୂପ କୁମାର ସେଠୀ ଓ ଜଣେ କ୍ୟାମେରାମ୍ୟାନ ବରୀ ଅଞ୍ଚଳକୁ ଯାତାୟାତ କରୁଥିବା ଚାରି ଚକିଆ ଯାନ, ବାଇକ ଓ ସ୍କୁଟି ଆଦିକୁ ଯାଞ୍ଚ କରିଛନ୍ତି। ନଗଦ ଟଙ୍କା, ସୁନା ଗହଣା ଓ ମାଦକ ଦ୍ରବ୍ୟ ସହ ଭୋଟରଙ୍କୁ ପ୍ରଭାବିତ କଲାଭଳି ଉପହାର ଏବଂ ଅନ୍ୟ ସାମଗ୍ରୀର ବେଆଇନ ଚାଲାଣରେ ରୋକ ଲଗାଇବା ପାଇଁ ଏହି ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

# ଚଢ଼େଇଧରାରେ ମହାବୀରଙ୍କ ଯଜ୍ଞ ଉତ୍ସବ



**ଚଢ଼େଇଧରା,୧୨।୫(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ଚଢ଼େଇଧରାସ୍ଥିତ ମହାବୀର ହନୁମାନଙ୍କ ବାର୍ଷିକ ଯଜ୍ଞ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସୂର୍ଯ୍ୟ ପୂଜା, ଗୋପୂଜା ଷୋଡ଼ଶ ଉପଚାର ପୂଜା କରଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଭଜନ କୀର୍ତ୍ତନରେ ସାରା ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା। ଯଜ୍ଞ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ, ୨ ଗିରଫ

**ପାଣିକୋଇଲି,୧୨।୫(ବିକାଶ ମଲ୍ଲିକ):**

ପାଣିକୋଇଲି ପୋଲିସ ଏକ ସ୍କ୍ରାପ ବୋଝେଇ ଟ୍ରକକୁ ଶନିବାର ଜବତ କରିବା ସହିତ ଜଣେ ବେପାରୀ ଓ ଜଣେ ଟ୍ରକ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟ୍ରକ ଚାଳକ ନମଟିକରି ଗ୍ରାମର ମନୋଜ ଦଳେଇ (୩୦) ଓ ବେପାରୀ ଉତ୍ତରପ୍ରଦେଶ ରାଜ୍ୟ ଆଜମଗଡ ପାୱାଇ ଥାନା ଅନ୍ତର୍ଗତ ଅଣ୍ଡିକା ଗ୍ରାମର ଅନୀଲ ଜୟସ୍ୱାଲ(୪୬)। ୧୬ ନମ୍ବର ଜାତୀୟ ରାଜପଥର ଦାମୋଦରପୁର ଗ୍ରାମ ରାସ୍ତା ନିକଟରେ ଟ୍ରକ (ଓଡି୩୩ଏ୮୬୯୨) ସ୍କ୍ରାପ ବୋଝେଇ କରି ଛିଡ଼ା ହୋଇଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସ୍ମୃତିମଞ୍ଜରୀ ବଡ଼ଜେନା, ହାବିଲଦାର ସୁଲୋଚନା ବେହେରା ଓ କନଷ୍ଟେବଳ ମନମୋହନ ବାରିକ ଚଢ଼ାଉ କରି ଟ୍ରକଟିକୁ ଜବତ କରିଥିଲେ। ଚାଳକ ଗାଡିରେ ଥିବା ସ୍କ୍ରାପର କୌଣସି କାଗଜ ଦେଖାଇ ପାରି ନ ଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୨୫୩/୨୪ ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା/କାଏମା,୧୨।୫ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବିଜେଡିର ଏକ ମିଶ୍ରଣ ପର୍ବ ରବିବାର ଜାରକାସ୍ଥିତ ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୩ନଂ. ଜୋନ୍ ଥାନୁଆଳ ପଞ୍ଚାୟତ, ୧୪ନଂ. ଜୋନ୍‌ର ମିର୍ଜାପୁର ଓ ବଡ଼କାଏମା ପଞ୍ଚାୟତର ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସ୍ୱାଗତ କରିଛନ୍ତି। ସେମାନେ ହେଲେ ଥାନୁଆଳ ପଞ୍ଚାୟତର ପ୍ରମୋଦ ମଲିକ, ପ୍ରକାଶ ମଲିକ, ଅକ୍ଷୟ ମଲିକ, ମୁକୁନ୍ଦ ମଲିକ, ଦୀପୁନା ମଲିକ, ସୁଦାମ ମଲିକ, ରଞ୍ଜନ ବାରିକ, ଆକାଶ ମଲିକ, ମିର୍ଜାପୁର ପଞ୍ଚାୟତର ନାଗାର୍ଜୁନ ସାମଲ, ସନ୍ତୋଷ ସାହୁ, ଅଶ୍ୱିନୀ ମଲ୍ଲ, ଜୟଦେବ ଜେନା, ଚନ୍ଦନ ସ୍ୱାଇଁ, ସୁବ୍ରତ ସ୍ୱାଇଁ, ସଂଗ୍ରାମ ପ୍ରଧାନ, ପ୍ରମୋଦ ଜେନା, ଅମର ସ୍ୱାଇଁ, ଜାହିର ମଲ୍ଲ, ପ୍ରଦୀପ୍ତ ଦାସ, ସଞ୍ଜୟ ଦାସ, ସଞ୍ଜୟ ପରିଡ଼ା, ପଦ୍ମଲୋଚନ ପଣ୍ଡା, ବଡ଼କାଏମା ପଞ୍ଚାୟତର ରଶ୍ମିରଞ୍ଜନ ପଣ୍ଡା, ନରେନ୍ଦ୍ର ସାହୁ, ଶକ୍ତି ନନ୍ଦନ ମଲିକ, ସୁଶାନ୍ତ ସାହୁ, ବିଶ୍ୱଜିତ ସାହାଣୀ, ପ୍ରଶାନ୍ତ ସାହୁ, ଦେବବ୍ରତ ପଣ୍ଡା, କାର୍ତ୍ତିକ ସାହୁ, ନିରଞ୍ଜନ ପଣ୍ଡା, ଜିତେନ ପଲେଇ ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ। ଏହି ମିଶ୍ରଣ ପର୍ବରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଅକ୍ଷୟ କୁମାର ନାୟକ, ସୁଶୀଲ ମହାନ୍ତି, ଅଜୟ ନାୟକ, ପ୍ରସନ୍ନ ରାଉତ ଓ ସୁରଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ବସତି କଲୋନୀ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ

**ମାଙ୍କଡ଼ିଆ ଜନଜାତିଙ୍କ ଥଇଥାନ ପ୍ରସଙ୍ଗ**

- ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ପୁନଃ ଟେଣ୍ଡର ହେଲାନି
- ଡିଏମ୍‌ଏଫ୍ ପାଣ୍ଠିର ଅନିୟମିତତା, ଭିଜିଲାନ୍ସ ତଦନ୍ତ ରିପୋର୍ଟ ଉପରେ ପ୍ରଶ୍ନବାଚୀ

**ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ),୧୨।୫**

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ବସବାସ କରୁଥିବା ମାଙ୍କଡ଼ିଆ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବସତି କଲୋନୀର ଅଧାପନ୍ତରିଆ ଗୃହ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରେ ନିର୍ମିତ ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଦାଖଲ ତଦନ୍ତ ରିପୋର୍ଟ ଆଧାରରେ ଲୋକାୟୁକ୍ତଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ବିଭାଗ ବିଫଳ ହୋଇଛି। ଫଳରେ ଘରଗୁଡ଼ିକରୁ କବାଟ, ଝରକା, ଇଟା ଚୋରି ହେବା ସହ ନିରୀହ, ଗରିବ ମାଙ୍କଡିଆ ଆଦିବାସୀଙ୍କ ପକ୍କାଘର ସପନ ଏଠାରେ ମଉଳି ଯାଇଛି ବୋଲି ମତପ୍ରକାଶ ପାଇଛି।


ମାଙ୍କଡ଼ିଆ ଜନଜାତିଙ୍କ ପାଇଁ ନିର୍ମାଣ ହୋଇଥିବା କଲୋନୀ।

ସୂଚନାଯୋଗ୍ୟ, ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗକ୍ରମେ ଲୋକାୟୁକ୍ତରେ ୩୪୬/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ ,ଡିଏମ୍‌ଏଫ୍ ପାଣ୍ଠିରୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୩ ଟଙ୍କା ମଞ୍ଜୁର ହୋଇ ପ୍ରତ୍ୟେକ ମାଙ୍କଡ଼ିଆ ଆଦିବାସୀ ପରିବାରକୁ ଘର ସମେତ ପାନୀୟ ଜଳ, ପାଇଖାନା, ଗାଧୋଇବା ଘର, ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ନିର୍ଦ୍ଧାରିତ ୨୧।୨।୨୦୨୦ ସୁଦ୍ଧା ବସତି କଲୋନୀର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଶେଷ ହେବା ପରିବର୍ତ୍ତେ ନିର୍ମାଣାଧୀନ ଅଧିକାଂଶ ଘର ଅତି ନିମ୍ନମାନର ହେବା ସହ କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦାଖଲ ହୋଇଛି। ଉକ୍ତ ତଦନ୍ତ ରିପୋର୍ଟରେ କାର୍ଯ୍ୟର ଅଗ୍ରଗତି ଅନୁସାରେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଏଥିରେ କୌଣସି ଆର୍ଥିକ ଅନିୟମିତତା ହୋଇନାହିଁ ବୋଲି ଦର୍ଶାଯାଇଥିଲା। ତେବେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ଦକ୍ଷତାର ଅଭାବ ଯୋଗୁ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିଲା। ତେଣୁ ଏହାର ପୁନଃଟେଣ୍ଡର କରି ଅଗ୍ରାଧିକାର ଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ଲୋକାୟୁକ୍ତଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଲୋକାୟୁକ୍ତ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିବା ସହ ଜିଲାପାଳ ଏବଂ ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ପୁନଃଟେଣ୍ଡର କରି ଆବଶ୍ୟକ ପଦକ୍ଷେପ ନେବାକୁ ୯।୨।୨୦୨୪ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ବସତି କଲୋନୀ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବସତି କଲୋନୀର ୮୭ଟି ଗୃହ ମଧ୍ୟରୁ ୬୫ଟିର ନିର୍ମାଣ କାର୍ଯ୍ୟ ହୋଇଥିବାବେଳେ ବାକି ଭୂଇଁରୁ ଉଠିନି। ଏଥିଯୋଗୁ ଲୋକାୟୁକ୍ତରେ ଦାଖଲ ହୋଇଥିବା ଭିଜିଲାନ୍ସ ତଦନ୍ତ ରିପୋର୍ଟର ସତ୍ୟାସତ୍ୟ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ପରେ ନିର୍ବାଚନୀ କୋଡ୍ ଅଫ କଣ୍ଡକ୍ଟ ଲାଗିଲା। ତେଣୁ ପୁନଃ ଟେଣ୍ଡର ହୋଇପାରିନାହିଁ।

# କଂଗ୍ରେସର ଉତ୍ଥାନକୁ ନେଇ ଚିନ୍ତାରେ ବିଜେଡି, ଭାଜପା

## ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ


ନିରଞ୍ଜନ ନାୟକ


ଗୀତାଞ୍ଜଳି ରାଉତରାୟ


ସମ୍ପଦ ସ୍ୱାଇଁ

ଜଗତ୍‌ସିଂହପୁର, ୧୨।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଚିତ୍ରପଟ ବଦଳୁଥିବା ଲକ୍ଷ୍ୟ କରାଯାଉଛି। ବିଧାୟକ ସମ୍ବିତ ରାଉତରାୟଙ୍କ ପ୍ରତି ତୀବ୍ର ଅସନ୍ତୋଷ ଦେଖାଦେଇଥିବାରୁ ବିଜେଡି ତାଙ୍କୁ ପ୍ରାର୍ଥୀ ନ କରି ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଟିକେଟ ଦେଇଛି। ଏହାସତ୍ତ୍ୱେ ଦଳରେ ଅସନ୍ତୋଷ ଥମି ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ୨୦୧୯ ନିର୍ବାଚନ ସମୟରୁ ଏକପ୍ରକାର ନୀରବ ରହିଥିଲେ। ସେ ନିର୍ବାଚନମଣ୍ଡଳୀ ସହ ସମ୍ପର୍କ କମାଇ ଦେଇଥିଲେ। ନିଜେ ଦଳ ଛାଡି ନ ଥିଲେ, କି ଅନ୍ୟ କାହାରିକୁ ନେତୃତ୍ୱ ନେବା ପାଇଁ ସୁଯୋଗ ଦେଇ ନ ଥିଲେ। ଏପରି ସ୍ଥିତିରେ କଂଗ୍ରେସ ନେତା ଓ କର୍ମୀ ଏକପ୍ରକାର ନିରାଶ ଅନୁଭବ କରୁଥିଲେ। ତା'ର ସୁଯୋଗରେ ଭାଜପା ଓ ବିଜେଡି କଂଗ୍ରେସ ଭୋଟ ଉପରେ ନଜର ପକାଇଥିଲେ। ଏପରି କି କେତେଜଣ କଂଗ୍ରେସ କର୍ମୀଙ୍କୁ ନିଜ ଦଳରେ ସାମିଲ କରିବାକୁ ସକ୍ଷମ ହୋଇଥିଲେ। ବାପି ଏବଂ ତାଙ୍କ ସ୍ତ୍ରୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ତେବେ ନିର୍ବାଚନ ପାଖେଇ ଆସିଲା ପରେ ନେତୃତ୍ୱ ସଙ୍କଟ ଦୂର ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ଗମ୍ଭୀରତା ସହ ଚିନ୍ତା କରିଥିଲା। ଯୁବ ନେତା ନିରଞ୍ଜନ ନାୟକ (ବବୁଲ)ଙ୍କୁ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ କରିଛି। ବବୁଲଙ୍କ ଘର ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକ ଅଞ୍ଚଳରେ ହୋଇଥିଲେ ସୁଦ୍ଧା ଦଳ ନିଷ୍ପତ୍ତିକୁ ସମ୍ମାନ ଜଣାଇ ସେ ପାରାଦୀପରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ତାଙ୍କୁ ନେଇ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହେଉଛି। ଏହାର ଦୃଷ୍ଟାନ୍ତ ଗତ ୧୦ ତାରିଖରେ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରା ସମୟରେ ହୋଇଥିବା ଭିଡ଼ରୁ ପ୍ରତିଫଳିତ ହୋଇଥିଲା। ବବୁଲ କହିଛନ୍ତି, ବାସ୍ତବରେ କଂଗ୍ରେସର କମ୍ ଲୋକ ଅନ୍ୟ ଦଳକୁ ଚାଲି ଯାଇଥିଲେ। ଅଧିକାଂଶ ଦଳରେ ନୀରବ ଥିଲେ। ସେମାନଙ୍କ ସହ ସମ୍ପର୍କରେ ଆସିଲା ପରେ ପରିସ୍ଥିତି ବଦଳିଛି। ଏପରି କି ଯେଉଁ କଂଗ୍ରେସ ଲୋକମାନେ ଅନ୍ୟ ଦଳକୁ ଚାଲି ଯାଇଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଫେରି ଆସିଲେଣି। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଅର୍ଥାତ୍ ୪୮,୮୭୯ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ୩୫,୦୩୭ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ଥିଲେ। ଏବେ ବିଜେଡି ଓ ଭାଜପାର କେତେଜଣ କର୍ମୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସକୁ ଆସୁଥିବା ସେ କହିଛନ୍ତି। ତେଣୁ ତାଙ୍କ ପ୍ରତି ଜନ ସମର୍ଥନ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ମଧ୍ୟ ଗତ ନିର୍ବାଚନର ଅନୁଭୂତିକୁ ସମ୍ବଳ କରିଥିବା କହିଛନ୍ତି। ଯେଉଁସବୁ ତ୍ରୁଟି ଯୋଗୁ ତାଙ୍କ ଭୋଟ କମିଥିଲା, ସେଥିରେ ସୁଧାର ଆଣିଛନ୍ତି। ଗତ ୫ ବର୍ଷ ଭିତରେ ସାଙ୍ଗଠନିକ କାର୍ଯ୍ୟ କ୍ରିୟାଶୀଳ କରିଛନ୍ତି। ସେ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରର ସୁଫଳ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରିବାରେ ସକ୍ଷମ ହୋଇଛନ୍ତି। ଏବେ ମୋଦି ଲହର ଚାଲିଥିବାରୁ ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବିଜେଡି ସରକାରଙ୍କ ସଫଳତାକୁ ସମ୍ବଳ କରିଛନ୍ତି। ତାଙ୍କ ଶ୍ୱଶୁର ଦାମୋଦର ରାଉତଙ୍କ ବିୟୋଗ ହୋଇଯାଇଥିବାରୁ ଅନୁକମ୍ପାମୂଳକ ଭୋଟ ତାଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବର୍ତ୍ତମାନ ସ୍ଥିତିରେ କଂଗ୍ରେସର ଉତ୍ଥାନ ଉଭୟ ଭାଜପା ଓ ବିଜେଡି ନେତାଙ୍କ ଚିନ୍ତାର କାରଣ ହୋଇଥିବା ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ମୁଜାଫର


@ ରୁଦ୍ର


@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଗାମୀ ପିଢ଼ିଙ୍କ ଲାଗି ମୃତ୍ତିକା ସାଇତି ରଖିବା ଜରୁରୀ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଚାଷୀ ଓ ଅନ୍ୟମାନେ।

## ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକୋତ୍ସବ

ରଘୁନାଥପୁର, ୧୨।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରସ୍ଥିତ ମା' ମଲିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ସଭାପତିତ୍ୱ କରିଥିଲେ। ରାଜ୍ୟ ବିହନ ନିଗମର ପ୍ରାକ୍ତନ ଅଧିକାରୀ ଏକାଦଶୀ ନନ୍ଦୀ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷି, କୃଷକ, ଉପଯୁକ୍ତ ବିହନ ସଂରକ୍ଷଣ ଓ ବହୁମୁଖୀ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ଏବେଠାରୁ ଆଗାମୀ ପିଢ଼ିଙ୍କ ନିମନ୍ତେ ମୃତ୍ତିକା ସାଇତି ରଖିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ମିଶ୍ର ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ସମ୍ପାଦକ ଇଂ.ବାବାଜୀ ଚରଣ ଜେନା କହିଥିଲେ, ଚାଷକୁ ବେଉସା କଲେ ଜଣେ ନିଶ୍ଚିତ ଭାବେ ଲାଭବାନ ହୋଇପାରିବ। ଏହି ଅବସରରେ ସଙ୍ଗଠନର ଉପସଭାପତି ସାରଦା ପ୍ରସାଦ ରାୟ, ଦିଲୀପ ରଥ ଓ ଅଭୟ ସାମନ୍ତରାୟ ନିଜର ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ମହାନ୍ତି ସଭା ପରିଚାଳନା କରି ବିଫଳତାର ସ୍ୱାଦ ନ ଚାଖିଲେ ସଫଳତା ବାରି ହୁଏନାହିଁ ବୋଲି କହିଥିଲେ। ସଭାରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୫ ଜଣ ସଫଳ ଚାଷୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଭାପତି ଜେନା କହିଥିଲେ, ଓଡିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ହୋଇଥିଲେ ମଧ୍ୟ ଏଠାକାର ଚାଷୀ ଗରିବ। ଏଥିପାଇଁ ସରକାର ଚିନ୍ତା କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାପରେ ଧନ୍ୟବାଦ ଦିଆଯାଇ ସଭା ଶେଷ ହୋଇଥିଲା।

# ଲୋକନାଥଙ୍କ ସଂଗ୍ରାମ ଅଭୁଲା ସ୍ମୃତି ହୋଇରହିବ

## ସାମ୍ୟବାଦୀ ନେତାଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ

କୁଜଙ୍ଗ, ୧୨।୫(ମନୋଜ ପ୍ରଧାନ)

କୁଜଙ୍ଗର ସାମ୍ୟବାଦୀ ନେତା ସ୍ୱର୍ଗତ ଲୋକନାଥ ଚୌଧୁରୀଙ୍କ ୨୧ ତମ ଶ୍ରାଦ୍ଧ ବାର୍ଷିକୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ସମାଗୋଳ ସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚୌଧୁରୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଯୋଗେନ୍ଦ୍ର ଦାଶ ଅଧ୍ୟକ୍ଷତା କରି ପ୍ରଥମେ ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଲୋକନାତ ତତ୍କାଳୀନ ବିଧାନସଭାର ଉପନେତା, ସିପିଆଇର ଦଳପତି ତଥା ରାଜ୍ୟ ସମ୍ପାଦକ ଥିଲେ। ସେ ତାଙ୍କ ଛାତ୍ର ଜୀବନରେ ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ବ୍ରିଟିଶ ପତାକା ପୋଡ଼ିବା ସହ ଢେଙ୍କାନାଳ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପାରାଦୀପ ବନ୍ଦର ଶ୍ରମିକମାନଙ୍କ ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ କରିବା ସହ କନ୍ଧା ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସର୍ବୋପରି ଶିକ୍ଷକମାନେ କିପରି ପ୍ରତ୍ୟକ୍ଷ ଦରମା ପାଇବେ ସେନେଇ ବିଧାନସଭାରେ ଆଇନ ପ୍ରଣୟନ କରିବା ପରି ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଏସବୁ କାର୍ଯ୍ୟ ତାଙ୍କୁ ଜନ ମାନସରେ ଚିର ଜାଜ୍ଜ୍ୱଲ୍ୟ କରି ରଖିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀ ଯୋଗଦେଇ ଲୋକନାଥଙ୍କ ବିପ୍ଳବୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ସାହୁ, ସ୍ମୃତି କମିଟିର ସମ୍ପାଦକ କୈଳାସ ତରାଇ, ନବୀନ ପ୍ରଧାନ , ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, ବିଷ୍ଣୁ ଚରଣ ସ୍ୱାଇଁ, ନଟବର ସେନ ପ୍ରମୁଖ ଯୋଗଦେଇଥିଲେ।

# କବି ପୀତାମ୍ବର ତରାଇ ହେଲେ ବିଜେଡି ଜିଲା ଉପସଭାପତି

କୁଜଙ୍ଗ, ୧୨।୫(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ବିଜେଡି ଉପସଭାପତି ଭାବେ କୁଜଙ୍ଗର କବି ପୀତାମ୍ବର ତରାଇଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ବ୍ଲକରେ ବିଜେଡି ଶିବିରରେ ଆନନ୍ଦର ଲହରି ଖେଳିଯାଇଛି। ତରାଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମେ ଜନତା ଦଳ ଓ ପରେ ବିଜେଡିର ପ୍ରତିଷ୍ଠାତା ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ପ୍ରଥମ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ସୁନାମଧନ୍ୟ କବି ଭାବେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଦଳ ତାଙ୍କୁ ଏ ଗୁରୁଦାୟିତ୍ୱ ଦେଇଥିବାରୁ ପୀତାମ୍ବର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରଣବ ଦାସ, ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ , ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ଏମ୍‌ପି ଡା. କୁଳମଣିସାମଲ, ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ଓ ଜିଲା ସହପର୍ଯ୍ୟବେକ୍ଷକ ଗିରିଶ୍ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ, ୧୨।୫(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବୋରିଖି ଗ୍ରାମର ସୁଧାକର ଜେନା (୫୦)ଙ୍କ ଝୁଲନ୍ତା ମୃତଦେହ ରବିବାର ତାଙ୍କ ଘର ଭିତରୁ ଜବତ ହୋଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ଉକ୍ତ ଘରେ ରଖାଯାଇଛି । ସୋମବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ସୁଧାକରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପାରିବାରିକ କଳହ ଯୋଗୁ ମନୋମାଳିନ୍ୟ ହେବାରୁ ସୁଧାକରଙ୍କ ସ୍ତ୍ରୀ କିଛିଦିନ ହେବ ବାପଘରେ ରହିଆସୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇବା ପରେ ରବିବାର ଶ୍ୱଶୁରଘରକୁ ଆସିଥିବା ଜଣାପଡ଼ିଛି।

# କୋଠାରୁ କଂକ୍ରିଟ୍ ଖସି ବାଇକ୍ ଚୂରମାର୍

## କାଳବୈଶାଖୀଜନିତ ବର୍ଷା, ବଜ୍ରପାତ



ପାରାଦୀପ, ୧୨।୫(ଶରତ ରାଉତ)

କାଳବୈଶାଖ ୀଜନିତ ବର୍ଷା ଓ ବଜ୍ରପାତ ଯୋଗୁ ପାରାଦୀପ ନୂଆବଜାର କଲେଜ ସମ୍ମୁଖ କଲୋନୀରେ ଶନିବାର ରାତିରେ ଏକ କୋଠାରୁ କଂକ୍ରିଟ୍ ଖସିପଡ଼ିଛି। ଏଥିରେ ଏକ ବାଇକ୍ ଭାଙ୍ଗି ଚୂରମାର୍ ହୋଇଯାଇଛି। ଶନିବାର ରାତିରେ ପ୍ରବଳ ବର୍ଷା ଓ ବଜ୍ରପାତ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜ୍ୟୋତି ସ୍ୱାଇଁ ଶିଡ଼ି ଘର ପାଖରେ ବାଇକ୍ ରଖିଥିଲେ। ଏହି ସମୟରେ ଛାତରୁ ଏକ ବଡ଼ କଂକ୍ରିଟ ଖସି ବାଇକ୍‌କୁ ଚାପି ଦେଇଥିଲା। ସୌଭାଗ୍ୟବଶତଃ ଜ୍ୟୋତି ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ।

# ବିଜେଡି ଯୁବ ଛାତ୍ର ସମନ୍ୱୟ କମିଟି ଗଠନ

ଏରସମା, ୧୨।୫(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଭାପତି ପ୍ରାର୍ଥୀ ସାରଥି ରାଉତ ଓ ଛାତ୍ରନେତା ବରଦା ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ୭ ଜଣିଆ କମିଟି ଗଠନ କରାଯାଇଛି। ଏହି ଅବସରରେ ବିଜେଡି ଯୁବ ଛାତ୍ର ସଂଗଠନର ମିଳିତ ଆନୁକୂଲ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ବ୍ଲକ ସଭାପତି ପୀତବାସ ଗୋଚ୍ଛାୟତ, ଉପସଭାପତି ବିଜୟ ପାଲ, ନାରଦିଆ ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ଜିଲା ପରିଷଦ ରାନୀ ଗୁଡୁ, ପ୍ରଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସରାଏ ବର୍ଷାରେ କୃଷକ ବଜାରରେ ଆଣ୍ଠୁଏ ପାଣି

ଜଗତ୍‌ସିଂହପୁର, ୧୨।୫(ପ୍ରମୋଦ କୁମାର ନାୟକ)


ଜଗତ୍‌ସିଂହପୁର-ଆଳିପିଙ୍ଗଳ ମୁଖ୍ୟରାସ୍ତା ପାର୍ଶ୍ୱ କୃଷକ ବଜାରରେ ପାଣି ଜମିଛି।

## ଜଗତ୍‌ସିଂହପୁର ସହରରେ ବିକାଶର ବିକଳ ଚିତ୍ର

■ଜଳ ନିଷ୍କାସନ ହେଉ ନ ଥିବାରୁ ମାଛ ମାର୍କେଟ ପାର୍ଶ୍ୱରେ ଅସ୍ୱାସ୍ଥ୍ୟକର ପରିବେଶ

ସ୍ୱାଧୀନତାର ୭୭ ବର୍ଷ ପରେ ବି ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ। ଯେଉଁ ସମସ୍ୟା ଥିଲା ତାହା ଦୂରହେବା ତ ଦୂରର କଥା ବରଂ ଦିନକୁ ଦିନ ନୂଆ ନୂଆ ସମସ୍ୟା ସୃଷ୍ଟିକରୁଛି। ବିଭାଗୀୟ ଅପାରଗତା, ଦୂରଦୃଷ୍ଟି ତଥା ଆନ୍ତରିକତାର ଅଭାବ ଯୋଗୁ ଏଭଳି ହେଉଥିବା ଆଲୋଚନା ହେଉଛି। ସ୍ଥାନୀୟ ହାଟବଜାରସ୍ଥିତ ଜଗତ୍‌ସିଂହପୁର-ଆଳିପିଙ୍ଗଳ ମୁଖ୍ୟରାସ୍ତା ପାର୍ଶ୍ୱ କୃଷକ ବଜାରରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଶନିବାର କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ଏହି ବର୍ଷା ଯୋଗୁ କୃଷକ ବଜାର ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି। କାରଣ ରାସ୍ତାର ଗୋଟିଏ ପାର୍ଶ୍ୱରେ ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଦ୍ୱାରା ପରିଚାଳିତ ମାଛ, ମାଂସ ମାର୍କେଟ ଥିବାବେଳେ ଅପରପାର୍ଶ୍ୱରେ କୃଷକ ବଜାର ଅଛି। କିନ୍ତୁ ଉଭୟ ପାର୍ଶ୍ୱରୁ ଜଳ ନିଷ୍କାସନ ପାଇଁ ଜଗତ୍‌ସିଂହପୁର ଆର୍‌ଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆର୍‌ଏମ୍‌ସି କୃଷକ ବଜାରରେ ଥିବା ପକ୍କାଘର ଏବଂ ମାଛ ମାର୍କେଟ ଆଦି ଭଡ଼ା ସୂତ୍ରରେ ଦେଇ ବେଶ୍ ଲାଭବାନ୍ ହେଉଛି। କିନ୍ତୁ ଜଳ ନିଷ୍କାସନ ପାଇଁ ସୁବିଧା କରୁନାହିଁ। ଯେଉଁ କାରଣରୁ ଅଦିନିଆ ବର୍ଷାରେ ବି ଏଭଳି ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଆର୍‌ଏମ୍‌ସି ଘର ତିଆରି ଓ ମରାମତି ଆଦିରେ ବହୁ ଅନୁଦାନ ଖର୍ଚ୍ଚ କରୁଛି। ଏହି କାମ ମଧ୍ୟ ନିମ୍ନମାନର ହେଉଛି। ଠିକାଦାର ଓ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ସଲାସୁତୁରାରେ ଅର୍ଥ ଚଳୁ କରୁଛନ୍ତି। କିନ୍ତୁ ବିଲ୍ଡିଂ କିମ୍ବା ଅନ୍ୟ ଘର ନିର୍ମାଣ ପୂର୍ବରୁ ସୁଚିନ୍ତିତ ଯୋଜନା ହେଉଥିବା ପରିଲକ୍ଷିତ ହେଉନାହିଁ। ତାହା ହୋଇଥିଲେ ଆଜି ଏଭଳି ପରିସ୍ଥିତି ସୃଷ୍ଟିହୋଇ ନ ଥାନ୍ତା। ମାଛ ଓ ମାଂସ ମାର୍କେଟ ବିଲ୍ଡିଂ ନିର୍ମାଣ ସମୟରେ ଡ୍ରେନେଜ ସୁବିଧା କରାଯାଇ ନ ଥିବାରୁ ଏହି ପରିସର ସବୁଦିନ ଅପରିଷ୍କାର ରହୁଛି। ଫଳରେ କୌଣସି ବ୍ୟକ୍ତି ଏହି ମାର୍କେଟ ଭିତରକୁ ପ୍ରବେଶ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ରକ୍ତ ଓ ମଇଳାପାଣି ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରି କି ଠାଏ ଠାଏ ମଶା, ମାଛି ଭଣ ଭଣ ହେଉଛନ୍ତି। ତା'ଭିତରେ ଲୋକେ ବାଧହୋଇ ମାଛ, ମାଂସ କିଣିବାକୁ ଯାଉଛନ୍ତି। ଏହି ସମସ୍ୟାର ସମାଧାନ ଏଯାଏ ହୋଇପାରି ନ ଥିବା ବେଳେ କୃଷକ ବଜାରରେ ଡ୍ରେନେଜ୍ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଦେଲାଣି। କୃଷକ ବଜାରରେ ଏକାଧିକ ଦୋକାନ ରହିଛି। ତା'ପାର୍ଶ୍ୱରେ ସୋମନାଥ ହାଟ ରହିଛି। ପ୍ରତ୍ୟହ ଏହି ହାଟରେ ଗହଳି ଲାଗିରୁହେ। ନିକଟରେ ମାଛ, ମାଂସ ମାର୍କେଟ ପାର୍ଶ୍ୱରେ ଆର୍‌ଏମ୍‌ସି ବାଲି ପୋତି ନୂଆ ଘର ନିର୍ମାଣ କରୁଛି। କିନ୍ତୁ କାମ ଆରମ୍ଭ ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥା କରି ନ ଥିବାରୁ ଜଳ ନିଷ୍କାସନ ଠପ୍ ହୋଇଯାଇଛି। ଏବେ ଜମିରହିଥିବା ପଚାପାଣି ସଂକ୍ରମଣର କାରଣ ହେଲାଣି। ଆଉ ଦିନେ ଦୁଇଦିନ ମଧ୍ୟରେ ପରିସ୍ଥିତି ଅଧିକ ବିଗିଡ଼ିବା ସମ୍ଭାବନା ସୃଷ୍ଟିକରିଛି ବୋଲି ଏହି ବ୍ୟକ୍ତିମାନେ ଅଭିଯୋଗରେ କହିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସଙ୍କୁ ପଚାରିବାରୁ ଡ୍ରେନେଜ୍ କରାଯିବ ବୋଲି ଚିନ୍ତା କରାଯାଇଛି। ମାତ୍ର ଏହା ପୂର୍ବରୁ ବର୍ଷା ହୋଇଯାଇଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟିହୋଇଛି ବୋଲି କହି ନିଜର ଅସହାୟତା ପ୍ରକାଶ କରିଥିଲେ। ଅନୁରୂପ ଭାବେ ଜଗତ୍‌ସିଂହପୁର ସହରର ଏକାଧିକ ସ୍ଥାନରେ ଜଳ ନିଷ୍କାସନ ସମସ୍ୟା ରହିଛି। ଆଗକୁ ବର୍ଷାଦିନ ଆସୁଥିବାରୁ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଯୁକ୍ତି କରାଯାଇଛି। ଜିଲାପାଳ ଏହା ଉପରେ ଦୃଷ୍ଟିଦେଇ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଶରଣକୁଳର 'ମୁଣ୍ଡ ରାମଲୀଳା' ଏକ ଅନନ୍ୟ ପରମ୍ପରା




ମୁଣ୍ଡ ରାମଲୀଳାରେ ଅଭିନୟ କରୁଥିବା କଳାକାରଙ୍କ ସହ କମିଟିର କର୍ମକର୍ତ୍ତା।

**ଶରଣକୁଳ,୧୨।୫(ଦୀପକ କର)**

ନୟାଗଡ଼ର ଢେଣ୍ଢୁକୋଇଲା, ବାଉଁଶରାଣୀ ଖେଳ, ଢୁମ୍ପା, ଦଣ୍ଡନୃତ୍ୟ, ମୁଣ୍ଡପୋତା କେଳାଅଭିନୟ, ଯୋଗୀ କେନ୍ଦେରା ଗୀତ, କଣ୍ଢେଇ ନାଚ, ଏକକ ନୃତ୍ୟାଭିନୟ, ଦାସକାଠିଆ ଓ ଘୁଡୁକି ନୃତ୍ୟ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛି। କିନ୍ତୁ ଶରଣକୂଳର 'ମୁଣ୍ଡ ରାମଲୀଳା' ତା'ର ଅନନ୍ୟ ତଥା ନିଜସ୍ୱ ପରିବେଷଣ ଶୈଳୀ ପାଇଁ ଲୋକଙ୍କ ପାଖରେ ଏବେ ବି ଆଧ୍ୟାତ୍ମିକ ଚେତନା ଭରି ରଖିଛି।

ନୟାଗଡ଼ ଜିଲାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଗୁଡିଆ ସାହିରେ ଦୀର୍ଘ ୫ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲୋକମାନେ ଲୋକକଳା 'ମୁଣ୍ଡ ରାମଲୀଳା' ପରିବେଷଣ କରି ଆସୁଥିଲେ। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ଶୁଭଖୁଣ୍ଟି ପଡି ଏହି 'ମୁଣ୍ଡ ରାମଲୀଳା' ପରିବେଷଣ କରାଯାଉଥିଲା। ମାସେ ପୂର୍ବରୁ ବିଭିନ୍ନ ସାହିରେ ସଭା ବସି ଏ ସଂକ୍ରାନ୍ତରେ ଆଲୋଚନା ହୋଇଥାଏ। ସାହିର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ମଧ୍ୟରୁ ଯିଏ ଯେଉଁ ଅଭିନୟ ପାଇଁ ଯୋଗ୍ୟ ତାଙ୍କୁ ବଛା ଯାଇଥାଏ। ସମସ୍ତେ ଅରୁଆ ହବିଷାନ୍ନ ଖାଇ ଶୁଦ୍ଧପୂତ ଭାବେ ସନ୍ଧ୍ୟାରେ ଅଭିନୟ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କଳାକାର ଅଭିନେତାମାନଙ୍କୁ ବେଶ କରାଇଥାନ୍ତି। ଲୋକଙ୍କ ବିଶ୍ୱାସ ଅଛି, ନିଷ୍ଠାରେ ନ ରହିଲେ ଶତାଧିକ ବର୍ଷ ଧରି ପୂଜିତ ହନୁମାନଙ୍କ ମୁଣ୍ଡ ଧାରଣ କରି ନୃତ୍ୟ କରି ହେବ ନାହିଁ। ସାହିର ବର୍ଷିୟାନ ବ୍ୟକ୍ତି ବ୍ରଜବନ୍ଧୁ ମହାପାତ୍ର କହିଛନ୍ତି, ଯେଉଁ ବର୍ଷ ଏ ମୁଣ୍ଡ ରାମଲୀଳା ବନ୍ଦ ହୁଏ ସାହିରେ ଦୈବ ଦୁର୍ବିପାକ ଦେଖାଦିଏ ବୋଲି ବିଶ୍ୱାସ ରହିଛି।

'ମୁଣ୍ଡରାମଲୀଳା'ର ବିଶେଷତ୍ୱ ହେଲା ରାମ, ଲକ୍ଷ୍ମଣ ଓ ସୀତା ଚରିତ୍ରକୁ ଛାଡି ଦେଲେ ରାମାୟଣର ଆଉ ସମସ୍ତ ଚରିତ୍ର କାଠରେ ନିର୍ମିତ ମୁଣ୍ଡକୁ ମୁଣ୍ଡାଇ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏଠାରେ ସୀତାଙ୍କ ସହିତ ସମସ୍ତ ନାରୀ ଚରିତ୍ରକୁ ପୁରୁଷ କଳାକାରମାନେ ନାରୀ ପରିଧାନ ପିନ୍ଧି ଅଭିନୟ କରନ୍ତି। ଆରଣ୍ୟକକାଣ୍ଡଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ସମସ୍ତ ବିଷୟ ପ୍ରତିଦିନ ଏକ ସୁସଜ୍ଜିତ ମଞ୍ଚରେ ମଞ୍ଚସ୍ଥ ହୋଇଥାଏ। ରାମାୟଣ ପାରାୟଣ ସାଙ୍ଗକୁ ଅଭିନୟ ଚାଲେ। କେତେଜଣ କଳାକାର ନିଜସ୍ୱ କଣ୍ଠରେ ଗୀତ ଗାୟନ କଲା ବେଳେ ଅନ୍ୟ କେତେଜଣ ପୁରାଣ ଗାୟନ କରିଥାଆନ୍ତି। ଆକର୍ଷଣୀୟ ବେଶଭୁଷା ସହିତ ବିଭିନ୍ନ ଚରିତ୍ରର ମୁଣ୍ଡକୁ ପିନ୍ଧି ଅଭିନୟ କରିବା କଷ୍ଟସାଧ ହୋଇଥିଲେ ମଧ କଳାକାରମାନେ ବେଶ ଉତ୍ସାହର ସହ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିଦିନ କଳାକାର, କମିଟି ସଦସ୍ୟ ଓ ନାଟ୍ୟ ପରିଚାଳକ ଆଦି ୨୦୦ ଜଣଙ୍କ ପାଇଁ ପ୍ରସାଦ ରନ୍ଧନ କରିଥାଆନ୍ତି।

କମିଟି ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ତତ୍ତ୍ୱାବଧାନରେ ମୁଣ୍ଡରାମଲୀଳା ମଞ୍ଚସ୍ଥ ହେଉଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି ରାମ ନାଟକର ଗାୟକ ବ୍ରଜକିଶୋର ମହାପାତ୍ର ଓ ନିର୍ଦ୍ଦେଶକ ସୀତାରାମ ମହାପାତ୍ର। ପୁରାତନ କବି ବିକ୍ରମ ଭଣତି ହୋଇଥିବା ଏହି ରାମଲୀଳା ଓ ମୁଣ୍ଡ ରାମଲୀଳା ଦେଖିବାକୁ ଶତାଧିକ ଗ୍ରାମବାସୀ ରାତି ୯ଟାରୁ ନାଟକ ଶେଷ ହେବା ପର୍ଯ୍ୟନ୍ତ ଉପଭୋଗ କରିଥାନ୍ତି। ଧର୍ମ ଓ ପରମ୍ପରାର ବାହକ ଏହି ପୁରାତନ ଲୋକକଳାକୁ ବଞ୍ଚାଇରଖିବାକୁ ହେଲେ ସରକାରୀ ପ୍ରୋତ୍ସାହନ ଯୋଗାଇଦେବାକୁ ସଂସ୍କୃତି ବିଭାଗ ଆଗେଇ ଆସିଲେ ଭଲ ହୁଅନ୍ତା ବୋଲି ଶରଣକୁଳର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ନୂଆଗାଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ନୂଆଗାଁ, ୧୨।୫ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ପକ୍ଷରୁ ରବିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ୨୦ ତାରିଖରେ କନ୍ଧମାଳ ସାଂସଦୀୟ କ୍ଷେତ୍ରରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେହିକ୍ରମରେ କନ୍ଧମାଳ ସାଂସଦୀୟ କ୍ଷେତ୍ରର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ମଧ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଦଶପଲ୍ଲା ନିର୍ବାଚନମଣ୍ଡଳୀ ନୂଆଗାଁ ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଜନମତ ସଂଗ୍ରହ କରାଯାଇ ପାରିବ ସେ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ନିର୍ବାଚନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ପୋଲିସ ସଜାଗ ରହିଛି। ଏହି ପରିପ୍ରେକ୍ଷୀରେ ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ଥାନା ଅଞ୍ଚଳର ମହିପୁର, ସମ୍ପଡା, ନୂଆଗାଁ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।



ନୂଆଗାଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଓଡ଼ଗାଁ ସୁଭଦ୍ରା ଖିଲାର ଏଏନ୍‌ଏମ୍ ପରୀକ୍ଷାରେ ଓଡ଼ିଶା ଟପ୍ପର

**ଓଡ଼ଗାଁ,୧୨।୫**
**(ଆଦର୍ଶ କୁମାର ପଟ୍ଟନାୟକ)**

ରବିବାର ଆନ୍ତର୍ଜାତୀୟ ନର୍ସ ଦିବସ ଅବସରରେ ଭୁବନେଶ୍ୱରର ଡାଇରେକ୍ଟର ଅଫ୍ ହେଲ୍‌ଥ କନ୍‌ଫରେନ୍ସ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨୦୨୨-୨୩ ଏଏନ୍‌ଏମ୍ ପରୀକ୍ଷାରେ ରାଜ୍ୟସ୍ତରୀୟ କୃତୀ ଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଛି। ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ତଥା ଏନ୍‌ଏସି ଅଞ୍ଚଳର ସୁଭଦ୍ରା ଖିଲାର ଓଡ଼ିଶା ଟପ୍ପର ହୋଇଛନ୍ତି। ଏହି କୃତୀତ୍ୱ ହାସଲ କରି ସେ ଓଡ଼ଗାଁ ସହିତ ସରକାରୀ ଏଏନ୍‌ଏମ୍ କଲେଜ, ଦଶପଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି ଅନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷ ଛାୟା କୁମାରୀ ସାହୁ କହିଛନ୍ତି। ସେ ସର୍ବମୋଟ ୧୪ଶହ ମାର୍କରୁ ୧୨୯୧ ମାର୍କ ହାସଲ କରିଛନ୍ତି।

ସେହିପରି ଦଶପଲ୍ଲା ଦେଉଳ ମାଳିସାହି ଗ୍ରାମର ସସ୍ମିତା ସାହୁ ୧୨୮୭ ମାର୍କ ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର୍, ପୁରୀର ଛାତ୍ରୀ ବର୍ଣ୍ଣାଳୀ ଦାସ ୧୨୮୪ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେ ବାଲେଶ୍ୱର ଜିଲା ଜଳେଶ୍ୱରର ଝିଅ ଅଟନ୍ତି। ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟର ଅଫ୍ ନର୍ସିଂ ଡା. ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ



ସୁଭଦ୍ରା ଖିଲାର।

ଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରତ୍ୟେକଙ୍କୁ ସାର୍ଟିଫିକେଟ ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଫଳତା ପାଇଁ କୃତୀ ଛାତ୍ରୀମାନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଭଦ୍ରା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଟାଙ୍ଗିଆ ସାହି ଗ୍ରାମର ମା' ଜୟନ୍ତୀ ଓ ଗଙ୍ଗାଧର ଖିଲାରଙ୍କ ଝିଅ ଅଟନ୍ତି। ସେ ଚଳିତବର୍ଷଠାରୁ ସ୍ୱର୍ଣ୍ଣ କଲେଜରେ ବିଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରୁଛନ୍ତି।

# କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା

**ଖଣ୍ଡପଡ଼ା,୧୨।୫**
**(ଅଜୟ କୁମାର ମହାରଣା)**

କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷ ହୋଇଯାଇଛି। ବର୍ଷା ପ୍ରଭାବରେ ଅଞ୍ଚଳବାସୀ ତାତିରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ପୁନଶ୍ଚ ବର୍ଷା ଯୋଗୁ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ ସମ୍ପୂର୍ଣ୍ଣ ରୁପେ ଲିଭି ଯାଇଥିବା ବନ ବିଭାଗ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି। ବନାଗ୍ନି ନିର୍ବାପିତ ହେବା ପରେ ସଂରକ୍ଷିତ ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁ ଏବେ ବିପଦମୁକ୍ତ ହୋଇଛନ୍ତି। ଚଳିତ ବର୍ଷ ଜଙ୍ଗଲରେ ନିଆଁରେ ଲକ୍ଷାଧିକ ଟଙ୍କାର ଜଙ୍ଗଲ ସମ୍ପଦ ପୋଡି ପାଉଁଶ ହୋଇଯାଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ମୁଜାଫର



@ ରୁଦ୍ର



@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡ଼ପୁଟ ଛକରୁ ୭କେଜି ଗଞ୍ଜେଇ ଜବତ,ଜଣେ ଗିରଫ

**ଶରଣକୁଳ,୧୨।୫(ଦୀପକ କର)**

ଶନିବାର କନ୍ଧମାଳ ଜିଲା ଜି.ଉଦୟଗିରି ଅଧୀନ କାନବାଗେରୀ ଗ୍ରାମର ଏନ୍. ଆଲିଭ ଷ୍ଟେନୀ ୭କେଜି ୬୦୦ ଗ୍ରାମ ଗଞ୍ଜେଇ ଧରି ଶରଣକୁଳ ନିକଟସ୍ଥ ବଡ଼ପୁଟ ଛକରେ ଠିଆ ହୋଇଥିଲେ। ଶରଣକୁଳ ପୋଲିସ କୌଣସି ସୂତ୍ରରୁ ଏ ସଂକ୍ରାନ୍ତରେ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ପୋଲିସ ସେହି ଗଞ୍ଜେଇ ଜବତ କରିଛି। ଆଡିଶନାଲ ତହସିଲଦାର ଜି. ଶ୍ରୀନୁଙ୍କ ଉପସ୍ଥିତରେ ଷ୍ଟେନୀଙ୍କୁ ଗିରଫ କରାଯାଇଥିଲା। ରବିବାର ତାଙ୍କୁ ଓଡ଼ଗାଁ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଛି ଶରଣକୁଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରାଙ୍କଠାରୁ ସୂଚନା ମିଳିଛି।

ଅବକାରୀ ବିଭାଗର ଅପାରଗତା ଯୋଗୁ ଶରଣକୁଳ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ଦିନକୁ ଦିନ ଗଞ୍ଜେଇ, ବ୍ରାଉନସୁଗାର ଓ ମଦ ଆଦିର ଚୋରା କାରବାର ବଢ଼ି ଚାଲିଛି।



ଏନ୍. ଆଲିଭ ଷ୍ଟେନୀ

ଏପରି କି ଉପରୋକ୍ତ ଥାନା ଅଞ୍ଚଳରେ ଥିବା କେତେକ ପାନ ଓ ତେଜରାତି ଦୋକାନରେ ମଧ ବିଭିନ୍ନ ମାଦକ ଦ୍ରବ୍ୟର ଅବାଧ ବିକ୍ରି ଚାଲିଛି । ଅବକାରୀ ବିଭାଗ ଏହା ଜାଣି ସୁଦ୍ଧା ନୀରବ ରହୁଛି। ବିଭିନ୍ନ ଅଞ୍ଚଳରୁ ଶରଣକୁଳକୁ ଆସୁଥିବା ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଗ୍ରାମାଞ୍ଚଳରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।

# ଅନୁଭବଙ୍କ ପ୍ରଚାରରେ ମା'ଓ ସ୍ତ୍ରୀ ସାମିଲ ହେଲେ

**ଖଣ୍ଡପଡ଼ା,୧୨।୫**
**(ଅଜୟ କୁମାର ମହାରଣା)**

ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅନୁଭବ ପଟ୍ଟନାୟକ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ପଞ୍ଚାୟତର ସମସ୍ତ ଗ୍ରାମକୁ ରବିବାର ଯାଇ ନିର୍ବାଚନ ପ୍ରଚାର କରୁଛନ୍ତି। ଅନୁଭବଙ୍କ ପାଇଁ ତାଙ୍କ ମାଆ ତଥା ପୂର୍ବତନ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ସ୍ତ୍ରୀ ସାଗରିକା ରାୟ ମଧ୍ୟ ମଇଦାନକୁ ଓହ୍ଲାଇ ପ୍ରଚାରକୁ ଜୋରଦାର କରିଛନ୍ତି। ସ୍ୱାଭିମାନୀ ଖଣ୍ଡପଡ଼ାବାସୀ ତାଙ୍କୁ ଭୋଟ ଦେବାକୁ ଅନୁଭବ ନିବେଦନ କରିଛନ୍ତି। ଲୋକସମ୍ପର୍କକୁ ଆଧାର କରି ପୂର୍ବତନ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ୧୫ ବର୍ଷ ପରେ ପୁଣିଥରେ ନିଜ ପୁଅ ପାଇଁ ପ୍ରଚାରରେ ସାମିଲହୋଇଥିବାରୁ ବିଭିନ୍ନ ମହଲରେ ଉତ୍ସାହ ଦେଖିବାକୁ ମିଳିଛି।

# ସହପାଠୀଙ୍କୁ ସହାୟତାର ହାତ ବଢ଼ାଇଲେ ପୁରାତନ ଛାତ୍ରୀଛାତ୍ର

**ଖଣ୍ଡପଡ଼ା,୧୨।୫**
**(ଅଜୟ କୁମାର ମହାରଣା)**

ଜଣେ ସହପାଠୀଙ୍କୁ ସହାୟତାର ହାତ ବଢାଇଛନ୍ତି ପୁରାତନ ଛାତ୍ରୀଛାତ୍ର। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ଓ କୁଞ୍ଜବିହାରୀ ବାଳିକା ବିଦ୍ୟାଳୟର ୨୦୦୦ ମାଟ୍ରିକ ବ୍ୟାଚର ସହପାଠୀମାନେ ନେଇଥିବା ଏହି ପଦକ୍ଷେପକୁ ସାଧାରଣରେ ପ୍ରସଂଶା କରାଯାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ହାଟମୁଣ୍ଡ ପାଟଣା ଗ୍ରାମର ସ୍ୱର୍ଗତ ଯୁଧିଷ୍ଠିର ସାହୁଙ୍କ ଝିଅ ସୁକାନ୍ତୀ(୩୮) ବହୁ ଦୁଃଖକଷ୍ଟରେ ଚଳୁଛନ୍ତି। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଅନ୍ୟ ଘରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଏଥି ସହିତ ତାଙ୍କ ବିଧବା



ସହପାଠୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ମା' ବି ସୁକାନ୍ତୀଙ୍କ ସହ ରହିଛନ୍ତି। ବିବାହ ପରେ ସୁକାନ୍ତୀ ଜଣେ କନ୍ୟା ସନ୍ତାନର ମା ହୋଇଛନ୍ତି। ବହୁ ଦୁଃଖେ କଷ୍ଟରେ ତାଙ୍କ ତେଲଲୁଣର ସଂସାର ଚାଲିଥିବା ବେଳେ ଗଳା କର୍କଟ ରୋଗ ତାଙ୍କ ଜୀବନକୁ ଦୋହଲାଇ ଦେଇଛି। ଧାର କରଜ କରି ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାପରେ ମଧ ରୋଗ ତାଙ୍କ ପିଛା ଛାଡୁନି। ଏଥିପାଇଁ ତାଙ୍କୁ ବାରମ୍ବାର କଟକ ଯିବାକୁ ପଡୁଛି। ଆସନ୍ତା ୨୪ ତାରିଖରେ ସୁକାନ୍ତୀ ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ପାଇଁ କଟକ ଯିବେ ବୋଲି କହିଛନ୍ତି। ହେଲେ ଅର୍ଥାଭାବ ଯୋଗୁ ତାଙ୍କ ଚିକିତ୍ସାରେ ଅଧିକାଂଶ ସମୟରେ ବାଧ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଏହି ଖବର ପାଇବା ପରେ ସୁକାନ୍ତିଙ୍କ ସହପାଠୀମାନେ ତାଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏପରି କି କୌଣସି ସହୃଦୟ ବ୍ୟକ୍ତି ସୁକାନ୍ତୀଙ୍କୁ ସହାୟତା ପ୍ରଦାନ କରିବାକୁ ଚାହୁଁଥିଲେ ତାଙ୍କ ମା'ଙ୍କ ସହ ଯୋଗାଯୋଗ କରିବାକୁ ସହପାଠୀମାନେ ନିବେଦନ କରିଛନ୍ତି।

